# ବିବାହ ଉତ୍ସବକୁ ଯାଇଥିବା ବେଳେ ଘରୁ ଚୋରି

**ଧୂଷୁରୀ, ୨୪।୨(ଦୀପ୍ତି ରଞ୍ଜନ ନାୟକ)**

ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ଆରଡ଼ି-ଭଦ୍ରକ ରାସ୍ତାପାର୍ଶ୍ୱରେ ଥିବା ଓଳଗ ଗ୍ରାମର ପ୍ରଦୀପ ବାରିକଙ୍କ ଘରୁ ଚୋରି ହୋଇଛି। ଏନେଇ ପରିବାର ପକ୍ଷରୁ ରବିବାର ରାତିରେ ଆରଡ଼ି ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ଜଣେ ବନ୍ଧୁଙ୍କ ବିବାହ ଉତ୍ସବରେ ଯୋଗଦେବା ପାଇଁ ଗୁରୁବାର ପ୍ରଦୀପଙ୍କ ପରିବାର ଘରେ ତାଲା ପକାଇ ଯାଇଥିଲେ। ରବିବାର ରାତିରେ ଘରକୁ ଫେରି ଚୋରି ବାବଦରେ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ନଗଦ ୩ ଲକ୍ଷ ଟଙ୍କା ସହ ୭ ଭରି ଓଜନର ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆରଡ଼ି ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସୋମବାର ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ଆସି ପୂର୍ବ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଫେରିଛି। ଶିବରାତ୍ରି ପୂର୍ବରୁ ପୋଲିସ ସ୍ଥାନୀୟ ଅଞ୍ଚଳରେ ପଇଁତରା ମାରୁଥିବା ବେଳେ ଏହି ଚୋରି ଘଟଣା ପୋଲିସ ପ୍ରତି ଆହ୍ୱାନ ବୋଲି ଆଲୋଚନା ହେଉଛି।

# ବିଡିଓଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ, ବୈଠକରେ ହୋହଲ୍ଲା



ପଞ୍ଚାୟତ ସମିତି ବୈଠକରେ ଅଧକ୍ଷା ଶର୍ମିଷ୍ଠା ବେହେରା, ବିଡିଓ ବନବିହାରୀ ଦିଣ୍ଡା ଓ ଅନ୍ୟମାନେ।

**ଧାମନଗର,୨୪।୨(ଦେବେନ୍ଦ୍ର ଆନ୍ଦିଆ)**

## ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

ଧାମନଗର ପଞ୍ଚାୟତ ସମିତିର 'ବିକଶିତ ଗାଁ ବିକଶିତ ଓଡ଼ିଶା' ପାଇଁ ଅଷ୍ଟମ ସ୍ୱତନ୍ତ୍ର ଅଧିବେଶନ ସୋମବାର ପୂର୍ବାହ୍ନ ୧୧ଟାରେ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓଙ୍କ ମନମୁଖି କାର୍ଯ୍ୟ ନେଇ ସରପଞ୍ଚ ଓ ସମିତିସଭ୍ୟମାନେ ଅଭିଯୋଗ କରିଥିବା ବେଳେ ବୈଠକରେ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

ସରପଞ୍ଚ ଓ ସମିତିସଭ୍ୟଙ୍କୁ ନ ଜଣାଇ ବିଡିଓ ନିଜ ଇଚ୍ଛାରେ ଶାସକ ଦଳକୁ ସନ୍ତୁଷ୍ଟ କରିବା ପାଇଁ ବହୁ ବେଆଇନ କାର୍ଯ୍ୟ କରୁଥିବା ସରପଞ୍ଚ ଅଜୟ କୁମାର ମଲ୍ଲିକ, ସମିତିସଭ୍ୟ ଭାରତ ବିଜୟ ଦଳାଇ ଓ ସୂର୍ଯ୍ୟକାନ୍ତ ନାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଭିନ୍ନ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ହେଉଥିବା ବେଳେ ବ୍ଲକ ଜେଇମାନେ ତଦାରଖ କରିବାକୁ ଯାଉନାହାନ୍ତି କି ବିଲ୍ କରୁନାହାନ୍ତି ବୋଲି ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ଓ ସାରଦା ପ୍ରସନ୍ନ ସାହୁ ଅଭିଯୋଗ କରିଥିଲେ। ବିଡିଓ ସରକାରୀ ଦଳର ହାତବାରିସୀ ସାଜି ବିରୋଧୀ ସରପଞ୍ଚ ସମିତିସଭ୍ୟଙ୍କୁ କୌଣସି ସୂଚନା ଦେଉ ନ ଥିବା କହି ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ। ବାତ୍ୟା 'ଦାନା' ପରେ ଯେଉଁ ପ୍ରକଳ୍ପର କାର୍ଯ୍ୟାଦେଶ କରାଯାଇଛି, ତାହାକୁ ବିଡିଓ ଚିହ୍ନଟ କରୁ ନ ଥିବାରୁ କାର୍ଯ୍ୟ ହୋଇପାରୁ ନାହିଁ ବୋଲି ସରପଞ୍ଚ ସମିତିସଭ୍ୟମାନେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ଉତ୍ତର ଦେଇ ସେ ଖାଲି କାର୍ଯ୍ୟାଦେଶ କରିଛନ୍ତି, ଅନ୍ୟ କିଛି ଜାଣିନାହାନ୍ତି ବୋଲି ବିଡିଓ ବନବିହାରୀ ଦିଣ୍ଡା କହିଥିଲେ। ଏହାକୁ ନେଇ ବିଡିଓ ଏବଂ ସରପଞ୍ଚଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବହୁ ବାଦବିବାଦ ପରେ ପଞ୍ଚାୟତ ସମିତି ଓ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଅନୁଦାନକୁ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଉର୍ମିଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ବିହନ ବଣ୍ଟନରେ ଅନିୟମିତତା

**ଧାମନଗର,୨୪।୨(ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକରେ ରବି ଋତୁରେ ମାତ୍ର ୪ ହଜାର ହେକ୍ଟରରେ ମୁଗ ଓ ବିରି ଚାଷ ପାଇଁ ସରକାର ବିହନ ଯୋଗାଇ ଦେଇଛନ୍ତି। ସେଥିରୁ ୩.୫ ହଜାର ହେକ୍ଟର ମୁଗ ଓ ୫ଶହ ହେକ୍ଟର ବିରି ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିହନ ଯୋଗାଇ ଦିଆଯାଇଛି। ଏକର ପିଛା ୮ କେଜି ହିସାବରେ ବିହନ ଯୋଗାଇ ଦେବାକୁ ନିୟମ ଥିବାବେଳେ ଆବଶ୍ୟକ କାଗଜପତ୍ର ଦେଇ ଚାଷୀମାନେ ବିହନ ନେବେ। ଗ୍ରାମ୍ୟ କୃଷି ଅଧିକାରୀଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ ପରେ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇ ଦିଆଯିବ। ଏହି ବିହନ ବଣ୍ଟନରେ ଅନିୟମିତା ହୋଇଥିବା ନେଇ କିଛି ପଞ୍ଚାୟତର ଜନ ପ୍ରତିନିଧି ସୋମବାର ମଧ୍ୟାହ୍ନରେ ବ୍ଲକ ସହକାରୀ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ସେମାନେ ଦର୍ଶାଇଛନ୍ତି ଯେ, ଦାୟିତ୍ୱରେ ଥିବା ଗ୍ରାମ କୃଷି ଅଧିକାରୀମାନେ ଚାଷୀମାନଙ୍କୁ ଠିକ୍ ଭାବେ ବିହନ ବଣ୍ଟନ କରୁନାହାନ୍ତି। ପଞ୍ଚାୟତ ଜନପ୍ରତିନିଧିଙ୍କୁ ଅଣଦେଖା କରି ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ନେତାଙ୍କ ଜରିଆରେ ମୁଗ ଓ ବିରି ବିହନ ବଣ୍ଟନ ହେଉଛି। ପଞ୍ଚାୟତ କାର୍ଯ୍ୟାଳୟରେ ବଣ୍ଟନ ନ ହୋଇ ବ୍ୟକ୍ତିଗତ ସ୍ଥାନରେ ରଖାଯାଇ ବଣ୍ଟାଯାଉଛି। ଏହାକୁ ନେଇ କିଛି ସମୟ କାର୍ଯ୍ୟାଳୟ ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଇଥିଲା। ଏହି ସମ୍ପର୍କରେ ବଣ୍ଟନ ଦାୟିତ୍ୱରେ ଥିବା ସମସ୍ତ ଗ୍ରାମ କୃଷି ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ବ୍ଲକ ସହକାରୀ କୃଷି ଅଧିକାରୀ ଜନପ୍ରତିନିଧିମାନଙ୍କୁ କହିଥିଲେ। ଅସୁରାଳି ଜୋନ୍ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ବ୍ଲକ ବିଜେଡି ସଭାପତି ଉମେଶ ମହାନ୍ତି, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ସମିତିସଭ୍ୟ ଜ୍ଞାନ ରଞ୍ଜନ ମହାକୁଡ଼, ସରପଞ୍ଚ କସ୍ତୁରୀ ବିଶ୍ୱାଳ, ଅଜୟ ମଲ୍ଲିକ, ଅକ୍ଷୟ କୁମାର ଜେନା, ସମିତିସଭ୍ୟା ବୈଦେହୀ ବେହେରା, ଚନ୍ଦ୍ରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବସନ୍ତ କବିତା ପାଠୋତ୍ସବ, ପୁସ୍ତକ ଲୋକାର୍ପଣ

**ଭଦ୍ରକ,୨୪।୨(ରବିନାରାୟଣ ଖିଲାର)**

ଭଦ୍ରକର ମହେନ୍ଦ୍ର ଭବନଠାରେ ଲେଖିକା ସଂସଦର ପୁସ୍ତକ ଲୋକାର୍ପଣ ଓ ବସନ୍ତ କବିତା ପାଠୋତ୍ସବ ରବିବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ରଜନୀକାନ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକା ଜୟନ୍ତୀ ରଥ ଓ ଲେଖିକା ଡ. କବିତା ବାରିକ ଯୋଗଦେଇ ଝରଣା ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ 'ଥିବି ନ ଥିବି', 'ନିବନ୍ଧ ନିର୍ଝର', ଡ. ସୋମା ଚାନ୍ଦଙ୍କ ପୁସ୍ତକ ପ୍ରବନ୍ଧ ବିଚିତ୍ରା, ଗଳ୍ପ କାକଳି ଉନ୍ମୋଚନ କରିଥିଲେ। ବହୁ ବିଶିଷ୍ଟ ଲେଖିକା ଲେଖକ ଏଥିରେ ଯୋଗ ଦେଇଥିଲେ। ସହସମ୍ପାଦିକା ଡ. କାନନ ମହାନ୍ତି ସ୍ୱାଗତ ଭାଷଣ ଓ ଅଧ୍ୟାପିକା ଉଷାରାଣୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ କବି ବିଜୟ କୁମାର ବହଳୀ, ଜାନକୀ ପାଢ଼ୀ, ଡ. ଶଶଧର ଦାସ, ଅଜୟ ନାୟକ, ମନୋରମା ଆଚାର୍ଯ୍ୟ, ସରୋଜିନୀ ନାୟକ, ମମତାରାଣୀ ଦାସ ପ୍ରମୁଖ କବିତା ପାଠ କରିଥିଲେ। ସଂଯୋଜନା କରିଥିଲେ କବୟିତ୍ରୀ ଦୀପ୍ତିମୟୀ ସାହୁ ଓ ମନୋରମା ରାୟ। ରାଧାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳବିଭାଜିକା ପ୍ରକଳ୍ପ ମରାମତି ଦାବି

**ଭଣ୍ଡାରିପୋଖରୀ, ୨୪।୨ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ଼ ପଞ୍ଚାୟତର ଉତ୍ତରବାଡ଼ ଗ୍ରାମ ବଣସାହି ହାଇଲେବଲ କେନାଲ ସାଇଫନଠାରୁ ୫ ଶହ ମିଟର ଦୂରରେ ଥିବା ଜଳବିଭାଜିକା ପ୍ରକଳ୍ପ ଭାଙ୍ଗିଯାଇଛି। ଫଳରେ ବର୍ଷାଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ମଞ୍ଜୁରୀରୋଡ୍ ଅଞ୍ଚଳରୁ ଆସୁଥିବା ବର୍ଷାଜଳ ବଣସାହି ସାଇଫନ ଦେଇ 'ଯ' ନାଳରେ ମିଶିଥାଏ। ମାତ୍ର ସୁନାହାର ଗ୍ରାମ ବାଲିଛତ୍ରୀ ଖେଳପଡ଼ିଆ ନିକଟ ପୋଖରୀ ପାର୍ଶ୍ୱରେ ଥିବା ଜଳବିଭାଜିକା ପ୍ରକଳ୍ପରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଗ୍ରାମବାସୀଙ୍କ ଶତାଧିକ ଏକର ଚାଷଜମି ବର୍ଷାଜଳରେ ବୁଡ଼ି ରହି ଫସଲ ହାନି ହେଉଛି। ଆଖୁଆପଦା ଡ୍ରେନେଜ ବିଭାଗ ଯନ୍ତ୍ରୀଙ୍କୁ ବହୁବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ପ୍ରତିକାର ହୋଇପାରୁ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଜଳବିଭାଜିକା ପ୍ରକଳ୍ପ ମରାମତି ପାଇଁ ଗ୍ରାମର ମମତା ପାତ୍ର, ରବୀନ୍ଦ୍ର ପାତ୍ର, ଜିତେନ୍ଦ୍ର ପାତ୍ର, ବାଇଧର ପାତ୍ର, ପ୍ରଭାକର ପାତ୍ର, ମନିଷା ସେନାପତି, ଅର୍ଜ୍ଜୁନ ଚରଣ ଦାସ, ଦୀନବନ୍ଧୁ ବାରିକ, ବିନୋଦ ବାରିକ, ବାମଦେବ ସେଠୀ, ବିଦ୍ୟାଧର ବାରିକ, ବାଇଧର ପରିଡ଼ା, ଅମରେଶ ବେହେରା ପ୍ରମୁଖ ନିକଟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ଏହାର ପ୍ରତିକାର କରିବାକୁ ଜିଲାପାଳ ଆଖୁଆପଦା ଡ୍ରେନେଜ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ମାଝୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।


ଭାଙ୍ଗିଯାଇଥିବା ଜଳବିଭାଜିକା ପ୍ରକଳ୍ପ।

# ୧୯ତମ କିସ୍ତି ପାଇଲେ ୧,୫୯,୫୪୦ କୃଷକ


ସମାରୋହରେ ଉପସ୍ଥିତ କୃଷକ ଓ ଅନ୍ୟମାନେ।

**ଭଦ୍ରକ,୨୪।୨(ସନାତନ ରାଉତ)**

## ଜିଲାସ୍ତରୀୟ କିଷାନ ସମ୍ମାନ ସମାରୋହ

ପିଏମ୍ କିଷାନ ଯୋଜନାରେ ୧୯ତମ କିସ୍ତି ହସ୍ତାନ୍ତର କରାଯିବା ଅବସରରେ ସୋମବାର ଭଦ୍ରକ ଜିଲାସ୍ତରୀୟ ସମାରୋହ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ମୋଟ ୧,୫୯,୫୪୦ କୃଷକ ୧୯ତମ କିସ୍ତି ପାଇଛନ୍ତି। ଅପରାହ୍ନ ୨ଟାରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍ପି ଅଭିମନ୍ୟୁ ସେଠୀ ଏବଂ ଅନ୍ୟତମ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ସଞ୍ଜୟ କୁମାର ମହାନ୍ତି, କାର୍ଯ୍ୟକ୍ରମର ସଂଯୋଜକ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ପ୍ରମୁଖ ଯୋଗଦେଇ ପିଏମ୍ କିଷାନ ଯୋଜନାର ଆଭିମୁଖ୍ୟ ଓ ଉପାଦେୟତା ସମ୍ବନ୍ଧରେ କହିଥିଲେ। ବିହାରର ଭାଗଲପୁରଠାରେ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମକୁ ଆଭାସି ଜରିଆରେ ଶହୀଦ ସ୍ମୃତି ଭବନରେ ଉପସ୍ଥିତ ଚାଷୀ, ହିତାଧିକାରୀ, ଜନପ୍ରତିନିଧି ଓ କର୍ମଚାରୀମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା।

# ସାବରଙ୍ଗ ବ୍ଲକ ଗଠନ ଦାବିରେ ମେଳି

**ସାବରଙ୍ଗ,୨୪।୨(କାଳିପଦ ରାୟ)**

ଭଦ୍ରକ ସଦର ବ୍ଲକ ଅଧୀନ ସାବରଙ୍ଗକୁ ଏକ ନୂତନ ବ୍ଲକ ଗଠନ ଦାବି ନେଇ ୧୦ ପଞ୍ଚାୟତର ଜନପ୍ରତିନିଧି ଓ ବୁଦ୍ଧିଜୀବୀ ସୋମବାର ସନ୍ଧ୍ୟାରେ ଏକାଠି ହୋଇଛନ୍ତି। ସାବରଙ୍ଗ କଲ୍ୟାଣ ମଣ୍ଡପଠାରେ ଆଇନଜୀବୀ ରଞ୍ଜନ କୁମାର ବଳଙ୍କ ଆବାହକତ୍ୱରେ ଏକ ବୈଠକରେ ସାହାଡ଼ା, ଏରଡ଼ା, ଚଣ୍ଡିଗାଁ, ବଣିଆ, ଗୋରାମାଟି, କେଦାରପୁର, ବ୍ରହ୍ମପୁର, ସାବରଙ୍ଗର କୋଡ଼ବରୁଆଁ ପଞ୍ଚାୟତର ଲୋକପ୍ରତିନିଧି ତଥା ପୂର୍ବତନ ପ୍ରତିନିଧି ଡା. ପୂର୍ଣ୍ଣଚନ୍ଦ୍ର ଦାସ, ବିଭୂତି ଭୂଷଣ ସାମନ୍ତ, ମାଧବାନନ୍ଦ ମଲ୍ଲିକ, ଦାଶରଥି ମିଶ୍ର, ତ୍ରିଦିବ ନାୟକ, ଭରତ କୁମାର ତ୍ରିପାଠୀ, ନିରଞ୍ଜନ ମହାକୁଡ଼, ଗୋଲକ ବିହାରୀ ମହାପାତ୍ର, ଭରତ ଚନ୍ଦ୍ର ପରିଡ଼ା, ଆଶିଷ କୁମାର ମହାନ୍ତି, ଭ୍ରମରବର ନାୟକ, ବାଦଲ କିଶୋର ମହାପାତ୍ର, ତରୁଣକାନ୍ତି ମହାପାତ୍ର, ସୁଶାନ୍ତ ମଲ୍ଲିକ, କୈଳାସ ସାମଲ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ସାବରଙ୍ଗରେ ଥାନା, ପୂର୍ତ୍ତ ବିଭାଗର ଡାକବଙ୍ଗଳା ଓ ଭୌଗୋଳିକ ଦୃଷ୍ଟିକୋଣରୁ ଭିତ୍ତିଭୂମି ଥିବାରୁ ଏଠାରେ ନୂତନ ବ୍ଲକ ହେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ମତପ୍ରକାଶ ପାଇଥିଲା। ସାବରଙ୍ଗ ସରପଞ୍ଚ ମାଧବାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଏକାଠି ହୋଇଥିବା ପଞ୍ଚାୟତର ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ।

# ଇଂଲିଶ ପରୀକ୍ଷା ଦେଲେନି ୩୫୯ ମାଟ୍ରିକ ପରୀକ୍ଷାର୍ଥୀ

**ଭଦ୍ରକ,୨୪।୨(ସନାତନ ରାଉତ)**

ମାଟ୍ରିକ୍ ପରୀକ୍ଷାର ଦ୍ୱିତୀୟ ଦିନ ସୋମବାର ଇଂଲିଶ ପରୀକ୍ଷାରେ ୩୫୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ୍ ସୂଚନା ଦେଇଛନ୍ତି। ସେହିପରି ମଧ୍ୟମାରେ ୪୭ ଏବଂ ଏସ୍ଓଏସ୍‌ସିରେ ୧୩ଜଣ ଅନୁପସ୍ଥିତ ଥିଲେ। ଚଳିତବର୍ଷ ଜିଲାରେ ୨୧,୦୨୪ଜଣ ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ୨୦,୬୬୫ଜଣ ପରୀକ୍ଷା ଦେଇଛନ୍ତି। ଜିଲାର ୩୧୮ଟି ହାଇସ୍କୁଲ ମଧ୍ୟରୁ ୧୧୪ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଚାଲିଛି। ୧୧ଟି ନୋଡାଲ ସେଣ୍ଟର କରାଯାଇଥିବା ବେଳେ ପରୀକ୍ଷା ପରିଚାଳନା ପାଇଁ ୧୧୫ ସୁପରିଣ୍ଟେଣ୍ଡେଣ୍ଟ ଓ ୧୧୫ ଅବଜରଭର ଅଛନ୍ତି।

# ଦୋକାନରୁ ୧୨ ଲକ୍ଷ ଟଙ୍କାର ଅଳଙ୍କାର ଚୋରି

**ବାସୁଦେବପୁର/ସାବରଙ୍ଗ,୨୪।୨ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)**

ବାସୁଦେବପୁର-ଇଚ୍ଛାପୁର ରାସ୍ତାର ଏଡ଼ତାଳ ପଞ୍ଚାୟତ ଗଗନବାବୁ ଛକ ନିକଟରେ ଥିବା ମା' ମଙ୍ଗଳା ନାମକ ଗହଣା ଦୋକାନର ସଟର କାଟି ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି କରି ନେଇଛନ୍ତି। ଦୋକାନ ମାଲିକ ଏଡ଼ତାଳ ଗ୍ରାମର ରବୀନ୍ଦ୍ର କୁମାର ସାହୁ ସୋମବାର ସକାଳେ ଜାଣିବା ପରେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୪ କିଲୋ ରୁପା ଅଳଙ୍କାର ଓ ୧୦୦ ଗ୍ରାମର ସୁନା ଅଳଙ୍କାର ସହ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏହି ଚୋରିରେ ସ୍ଥାନୀୟ ଅଞ୍ଚଳର କୌଣସି ଲୋକଙ୍କ ସମ୍ପୃକ୍ତି ଥାଇପାରେ ବୋଲି ଅନୁମାନ କରାଯାଉଛି। ପ୍ରକାଶଥାଉ କି, ୩ ଦିନ ପୂର୍ବେ କେତେଜଣ ଯୁବକ ଏଚ୍‌ଡିଏଫ୍‌ସି ଓ ଷ୍ଟେଟବ୍ୟାଙ୍କ ଏଟିଏମ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହି ଚୋର ଦଳଙ୍କର ସୁନା ଦୋକାନରୁ ଚୋରିରେ ସମ୍ପୃକ୍ତି ଅଛି କି ନାହିଁ ପୋଲିସ ତଦନ୍ତ ଚଳାଇଛି। ସୁନା ଦୋକାନରୁ ଚୋରି ଘଟଣାରେ ତଦନ୍ତ ଚାଲିଛି ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

# ପୁଣ୍ୟତିଥିରେ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ଭଦ୍ରକ,୨୪।୨(ସନାତନ ରାଉତ)**

ଭଦ୍ରକ ମାଟିର ଗର୍ବ ଗୌରବ, ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଭଦ୍ରକ ସହରର ଚାନ୍ଦବାଲି ବାଇପାସ୍ ଛକରେ ଥିବା କାନ୍ତକବିଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଜିଲାପାଳ ତିହିଡ଼ି ବ୍ଲକର ତାଳପଦାସ୍ଥିତ କାନ୍ତକବିଙ୍କ ଜନ୍ମପୀଠକୁ ଗସ୍ତ କରି ତାଙ୍କ ସମାଧିପୀଠ ଓ ସ୍ମୃତିକୁଟୀରରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ସାହିତ୍ୟିକା ରାଧାରାଣୀ ମହାପାତ୍ର, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ତାଳପଦାରେ ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ଚିତ୍ରକର ଜୟନ୍ତ ନାୟକ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଭାଗୀରଥି ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାନ୍ଦବାଲି ବାଇପାସ୍ ଛକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ଶିକ୍ଷାବିତ୍ ରାମଚନ୍ଦ୍ର ପଣ୍ଡା, ଅଟଳ ବିହାରୀ ନାୟକ, ସାମାଜିକ କର୍ମୀ ଏସ୍.ଏମ୍. ଫାରୁକ୍, ଲକ୍ଷ୍ମୀକାନ୍ତ ବାରିକ୍, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅଶୋକ ଦାସ ଓ ହୃଷୀକେଶ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ସାମଲ, ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ଶିକ୍ଷାବିତ୍ କମଳାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସଙ୍ଗୀତ ଗୁରୁ ରାମନାରାୟଣ ମହାନ୍ତି 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରିଥିଲେ।


ବାଇପାସ୍ ଛକରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅଧିକାରୀ ଓ ଅନ୍ୟମାନେ।

# ତହସିଲ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ତିହିଡ଼ି,୨୪।୨(ସଞ୍ଜିତ ବଳ)**

ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ସୋମବାର ପୂର୍ବାହ୍ନ ୧୧ଟାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳରୁ ହୋଇଥିବା ମୋଟ ୧୧୬ ଅଭିଯୋଗ ଶୁଣାଣି କରାଯାଇଥିଲା। ତହସିଲ କାର୍ଯ୍ୟାଳୟର କର୍ମଚାରୀ ଡାଟାଏଣ୍ଟ୍ରିଅପରେଟର ମନୋଜ କୁମାର ବେହେରା ବିଭିନ୍ନ ଅନିୟମିତତାରେ ସମ୍ପୃକ୍ତ ଥିବା ନେଇ ସ୍ଥାନୀୟ ଅଧିବାସୀ ନିର୍ମଳ ଚନ୍ଦ୍ର ଦଳାଇ, ସତ୍ୟବ୍ରତ କୁଣ୍ଡ, ସୁଧାଂଶୁ ଶେଖର ମାହୁନ୍ତ ପ୍ରମୁଖ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ଶୁଣାଣି କରି ଜିଲାପାଳ ଦିଲୀପ ରାଉତରାଏ କର୍ମଚାରୀ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ଡେପୁଟେଶନରେ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ବାସୁଦେବପୁର ବ୍ଲକ ଅଧୀନ ଇରମ ଗ୍ରାମର ମହେଶ୍ୱର ଓଝାଙ୍କ ପୁଅ ଭଗବାନ ୯୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିଲେ ବି ତାଙ୍କୁ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ନେଇ ତାଙ୍କ ମା' ଶୁଭଲକ୍ଷ୍ମୀ ଅଭିଯୋଗ କରିଥିଲେ। ସେହିପରି ତଳଗୋପବିନ୍ଧା ଗ୍ରାମର ବୈକୁଣ୍ଠ ପଣ୍ଡା(୫୪) ନାମକ ଜଣେ ଦିବ୍ୟାଙ୍ଗ ବାରମ୍ବାର ଆବେଦନ କଲା ପରେ ବି ତାଙ୍କୁ ପ୍ରମାଣପତ୍ର ମିଳୁ ନ ଥିବା ଅଭିଯୋଗ କରିଥିଲେ।


ଶିବିରରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି ଲୋକେ।

## ମିଳିତ ଜନଶୁଣାଣି ଶିବିରରେ ୧୧୬ ଅଭିଯୋଗ

ପାଳିଆବିନ୍ଧା ପଞ୍ଚାୟତ ମିଶନଶକ୍ତି ମଣ୍ଡିକୁ ମିଲର ସହଯୋଗ କରୁନାହାନ୍ତି। ଫଳରେ ମଣ୍ଡିରେ ୧୨ ଶହ କୁଇଣ୍ଟାଲ ଧାନ ପଡ଼ି ବର୍ଷାରେ ଭିଜୁଥିବା ମିଶନ ଶକ୍ତି ସମ୍ପାଦିକା ପଦ୍ମିନୀ ବେହେରା ଅଭିଯୋଗ କରିଥିଲେ। କମାରିଆ ବଜାର-ମଙ୍ଗଳପୁର ରାସ୍ତା ଆରମ୍ଭରୁ ସରକାରୀ ଜାଗା ଅବରୋଧ ହୋଇଛି। ତୁରନ୍ତ ଅବରୋଧମୁକ୍ତ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ସରକାରୀ ରାସ୍ତା ଜବରଦଖଲ ଆଦି ନେଇ ଅଭିଯୋଗ ହୋଇଥିଲା। ଶିବିରରେ ଜିଲାପାଳଙ୍କ ସମେତ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଧାଂଶୁ ଶେଖର ବଳ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ନିରଞ୍ଜନ ବାରିକ, ପୂର୍ବତନ ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ରହି ସମସ୍ୟା ସମାଧାନରେ ସହଯୋଗ କରିଥିଲେ। ଏହି ଅବସରରେ ୪ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ସ୍ନିଗ୍ଧା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଶିବରାତ୍ରି ପୂର୍ବରୁ ଦରମା ଦିଅ

## ବିଇଓଙ୍କୁ ଶିକ୍ଷକ ମହାସଂଘର ଦାବିପତ୍ର

ବାଙ୍ଗିରିପୋଷି,୨୪।୨(ସଞ୍ଜୟ କୁମାର ଅଗ୍ରୱାଲା): ବାଙ୍ଗିରିପୋଷି ବ୍ଲକ ଏକ୍ସ କ୍ୟାଡର ଶିକ୍ଷକମାନେ ଦରମା ନ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଶିକ୍ଷକ ମହାସଂଘର କାର୍ଯ୍ୟକର୍ତ୍ତାମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଭେଟି ୧ ମାସର ଦରମା ପ୍ରଦାନରେ ବିଳମ୍ବର କାରଣ ସମ୍ପର୍କରେ ପଚାରି ବୁଝିବା ସହ ଶିବରାତ୍ରି ପୂର୍ବରୁ ତୁରନ୍ତ ଦରମା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ନ ହେଲେ ଆସନ୍ତା ୨୭ ତାରିଖରୁ ବ୍ଲକର ସମସ୍ତ ଏକ୍ସ କ୍ୟାଡର ଶିକ୍ଷକ କଳାବ୍ୟାଜ ପିନ୍ଧି ଶିକ୍ଷାଦାନ କରିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶିକ୍ଷକମାନଙ୍କୁ ପ୍ରତିମାସରେ ଠିକ୍ ସମୟରେ ଦରମା ପ୍ରଦାନ କରାଯାଉ ନାହିଁ। ଫଳରେ ଯେଉଁମାନେ ବ୍ୟାଙ୍କ ଋଣ କରିଛନ୍ତି ସେମାନଙ୍କର ସୁଧର ହାର ଅଧିକ ବଢ଼ିଯାଉଛି। ପରିବାର ଲୋକଙ୍କ ସ୍ୱାସ୍ଥ୍ୟ, ପିଲାଛୁଆଙ୍କ ପାଠପଢ଼ା କ୍ଷେତ୍ରରେ ଅନେକ ସମସ୍ୟା ଦେଖାଦେଉଛି। ଆଗକୁ ଶିବରାତ୍ରି ଆସୁ ଥିବାରୁ ଗତ ଜାନୁଆରୀ ମାସର ଦରମା ପ୍ରଦାନ ପାଇଁ ଶିକ୍ଷକ ମହାସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଦାବି କରାଯାଇଛି। ତେବେ ଦରମା ପ୍ରଦାନରେ ଅଧିକାରୀ ମନମୁଖି କାର୍ଯ୍ୟ ଚଳାଇଥିବାରୁ ଶିକ୍ଷକ ନେତା ଲକ୍ଷ୍ମଣ ବିସାନ ମୁର୍ମୁ ଏହାକୁ ନିନ୍ଦା କରିଛନ୍ତି। ପ୍ରତି ମାସର ଦରମା ବିଲ୍ ୨୫ ତାରିଖରେ ଜମା କରାଯାଇଥାଏ। ମାତ୍ର କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏକ୍ସ କ୍ୟାଡର ଶିକ୍ଷକମାନଙ୍କ ପ୍ରତି ଅବହେଳା କରି ଆସୁଛନ୍ତି ବୋଲି ଶିକ୍ଷକ ନେତା ମୁର୍ମୁଙ୍କ ସହିତ ରତିକାନ୍ତ ମହାନ୍ତ, କିଶୋର ମହାନ୍ତ, ପ୍ରସନ୍ନ ମଣ୍ଡଳ, ଭବାନୀଶଙ୍କର ଦାସବାବୁ ଏବଂ ସମସ୍ତ ଏକ୍ସ କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଭିଯୋଗ କରିଛନ୍ତି।


ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବିଦ୍ୟାଳୟର ବାର୍ଷିକୋତ୍ସବ


ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଖାରପୋଖରିଆ,୨୪।୨(ସୁଧୀର କୁମାର ମହାନ୍ତ)

ଖାରପୋଖରିଆ ଘିଆଯୋଡ଼ିଠାରେ ଥିବା ସୀମାନ୍ତ ଇଂଲିଶ ମିଡିୟମ ସ୍କୁଲର ୨୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ରତିକାନ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସୀମାନ୍ତ ଫାର୍ମାସୀ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ. ପ୍ରତାପ କୁମାର ବଙ୍ଗୋପାଧ୍ୟାୟ, ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟରିଂ କଲେଜର ଇଲେକ୍ଟ୍ରି ବିଭାଗର ଡ. ବିରଞ୍ଚି ନାରାୟଣ କର ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ଅର୍ଥ ବିଭାଗର ଘାସିରାମ କଳିଆ, ଅର୍ଦ୍ଧେନ୍ଦୁ ପ୍ରହରାଜ, ଅମୂଲ୍ୟ କୁମାର ଦଣ୍ଡପାଟ, ଦୁର୍ଗାଚରଣ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ସତ୍ୟବାନ ଘୋଷ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସହିତ ଆଲୋଚନାଚକ୍ରରେ କୃତିତ୍ୱ ଲାଭ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନୁସୟା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୨ ଯୁବକଙ୍କ ଆତ୍ମହତ୍ୟା

ମୋରଡ଼ା,୨୪।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଓ ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ୨ ଯୁବକ ଆତ୍ମହତ୍ୟା କରିଛନ୍ତି। ଚିତ୍ରଡ଼ା ଫାଣ୍ଡି ଅଧୀନ ଘାସିଡ଼ିହିର ଚୈତନ୍ୟ ଟୁଡୁ(୪୫) ରବିବାର ଅପରାହ୍ନ ୨ଟା୩୦ ମିନିଟ ସମୟରେ କୌଣସି କାରୁଣରୁ ନିଜ ଘରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ପଠାଇଛନ୍ତି। ଏନେଇ ମୋରଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧/୨୫) ରୁଜୁ ହୋଇଛି। ସେହିପରି ରାସଗୋବିନ୍ଦପୁର ଥାନା ଅଧୀନ ବଡ଼ାମପୁର ଗ୍ରାମର ଦୀପୁ ଟୁଡୁ ରବିବାର ବିଳମ୍ବିତ ରାତିରେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପିଏମ୍ କିଷାନ ସମ୍ମାନ ସମାରୋହ


କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନେ।

ବାରିପଦା,୨୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ପିଏମ୍ କିଷାନ ସମ୍ମାନନିଧି ଯୋଜନାର ୬ବର୍ଷ ପୂର୍ତ୍ତି ଅବସରରେ ସୋମବାର ପୂର୍ବାହ୍ନ ୧୧ଟାରେ ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ପିଏମ କିଷାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପିଏମ୍ କିଷାନ ଯୋଜନାର ୧୯ତମ କିସ୍ତି ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ଛଡ଼ାଯାଇଛି। ଏହି ଯୋଜନାରେ ଚାଷୀଙ୍କୁ ଗୋଟିଏ ବର୍ଷରେ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏ ମୋଟ ୬ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

ଏହି ଅବସରରେ ମୟୂରଭଞ୍ଜ ଜିଲା ମୁଖ୍ୟ କୃଷି ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ ଓ ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦୀପକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ଚାଷୀମାନେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଶୁଣିଥିଲେ। ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା ଏବଂ କାର୍ଯ୍ୟାଳୟର ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ, ତୁଷାରକାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସରୋଜ ଦାସ, କାନ୍ତା ପୃଥାଳ ଓ ପ୍ରିୟମ୍ବଦା ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷି ବିଭାଗର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଷୋହଳ ପ୍ରହର ନାମ ସଂକୀର୍ତ୍ତନ

ଖାରପୋଖରିଆ,୨୪।୨ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଜଳଦା ପଞ୍ଚାୟତର ଜାମ୍ବୁବଣୀ ଗ୍ରାମରେ ଥିବା ଶ୍ରୀ ଶ୍ରୀ ବାଙ୍କବିହାରୀ ଜିଉଙ୍କ ପୀଠରେ ଗ୍ରାମବାସୀ ଓ ସଙ୍କୀର୍ତ୍ତନ ମଣ୍ଡଳୀ ସହଯୋଗରେ ଗ୍ରାମ ହରିମଣ୍ଡପରେ ଷୋହଳ ପ୍ରହର ବ୍ୟାପି ଅଖଣ୍ଡ ରାଧାନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ପୂଜକ ଜୀବନ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଘଟ ଉତ୍ତୋଳନ କରାଯାଇ ସଙ୍କୀର୍ତ୍ତନ ମଣ୍ଡପରେ ସ୍ଥାପନ କରାଯାଇ ବାଙ୍କ ବିହାରୀ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସୁଶୀଲ କୁମାର ନାଏକଙ୍କ ସଂକଳ୍ପରେ ପଶ୍ଚିମବଙ୍ଗ ଅସନବଣୀ ଗ୍ରାମର ଗୌରାଙ୍ଗ ଦାସଙ୍କ ଦ୍ୱାରା ମଙ୍ଗଳାଧିବାସ କରାଯାଇଥିଲା। ପରବର୍ତ୍ତୀ ସମୟରେ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ରାଧାନାମ ସଙ୍କୀର୍ତ୍ତନ ଆରମ୍ଭ କରାଯାଇଥିଲା। ଗ୍ରାମର ମହିଳା ଓ ପୁରୁଷମାନେ ବାଙ୍କବିହାରୀଙ୍କ ଦର୍ଶନ କରିଥିଲେ। ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୋଟ ୬ଟି ସଙ୍କୀର୍ତ୍ତନମଣ୍ଡଳୀକୁ ନେଇ ରାଧାନାମ ସଙ୍କୀର୍ତ୍ତନ କରାଯାଇଥିଲା। ଜମ୍ବୁବଣୀ ଗ୍ରାମର ବରୁଣୀ ଦଳ ନାମ ଉଚ୍ଚାରଣ ଆରମ୍ଭ କରିଥିଲେ। ସୁଶାନ୍ତ ପାଢ଼ୀ, ମହେନ୍ଦ୍ର ନାଏକ, ପଦାରନାଥ ଦିଗାର, ହରିଶ ନାଏକ, ଉତ୍ତମ ଦିଗାର, ରାଧାକାନ୍ତ ଦେହେରା, ପ୍ରିୟବ୍ରତ ନାଏକ, କାଳନ୍ଦୀ ନାଏକ ପ୍ରମୁଖଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ୧୦୮ ଅଭିଯୋଗର ହେଲା ଶୁଣାଣି


ଅତିରିକ୍ତ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

ଉଦଳା,୨୪।୨(ସନ୍ତୋଷ କୁମାର ବାଛିନୀ)

କପ୍ତିପଦା ଉପଖଣ୍ଡ ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ଟାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ବିଭୂତି ଭୂଷଣ ନାୟକ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୦୮ଟି ଅଭିଯୋଗର ଶୁଣାଣି କରିଥିଲେ। ଉପ ଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଲକ୍ଷ୍ମୀକାନ୍ତ ପତିଙ୍କ ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ୯୦ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୧୮ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। କପ୍ତିପଦା ବ୍ଲକ ଚକ୍ରଧରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ,ଶିକ୍ଷକ ନିଯୁକ୍ତି, ବେଲ ଜାମଶୁଳୀ ଗ୍ରାମବାସୀ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ହେବା,ଉଦଳା ବ୍ଲକ କୁଟଲିଂ ମୌଜାର ଶେଷକୁ ଲାଗି ଗ୍ରାମରେ ଥିବା ଦେଓ ନଦୀର ଜଳ ସ୍ରୋତ ଏବଂ ବେଆଇନ ଭାବେ ଆବଦ୍ଧ ଥିବା ନଦୀକୁ ସୁରକ୍ଷା କରିବା ଆଦି ଅଭିଯୋଗଗୁଡ଼ିକୁ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ, ନିର୍ଦ୍ଦେଶ ଦେଇଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ସ୍ୱତନ୍ତ୍ର ବୈଠକ

ଠାକୁରମୁଣ୍ଡା,୨୪।୨(ତାରାକାନ୍ତ ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାର୍ଯ୍ୟକାରୀ ନିମନ୍ତେ ଗ୍ରାମସଭା ମାଧ୍ୟମରେ ଚୟନ ହୋଇଥିବା ପ୍ରକଳ୍ପଗୁଡ଼ିକ ଗୃହୀତ କରାଯିବା ପାଇଁ ଠାକୁରମୁଣ୍ଡା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।

ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ବିଡିଓ ସପ୍ନେଶ୍ୱର ବେହେରା ଯୋଗ ଦେଇଥିଲେ। ବୈଠକରେ ସମିତି ସଭ୍ୟ, ସରପଞ୍ଚ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚ୍ୟ ବିଷୟ ସମ୍ପର୍କରେ ବିଡିଓ ବୈଠକରେ ସୂଚନା ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ନିମନ୍ତେ ପଞ୍ଚାୟତ ସ୍ତରରେ ଗ୍ରାମସଭା ମାଧ୍ୟମରେ ସ୍ଥିର ହୋଇଥିବା ପ୍ରକଳ୍ପ ଗୁଡ଼ିକ ବ୍ଲକରେ ବର୍ତ୍ତମାନ ପାଇଁ ଦାଖଲ କରାଯାଇ ପାରିବ ନାହିଁ ବୋଲି ସରପଞ୍ଚ ସଂଘର ଠାକୁରମୁଣ୍ଡା ବ୍ଲକ ସଭାପତି ଧର୍ମପଦ ନାଏକ ବୈଠକରେ କହିଥିଲେ।

ରାଜ୍ୟ ସରପଞ୍ଚ ସଂଘର ନିଷ୍ପତ୍ତି କ୍ରମେ ଠାକୁରମୁଣ୍ଡା ବ୍ଲକ ସରପଞ୍ଚ ସଂଘ ଏହି ନିଷ୍ପତ୍ତି ନେଇଥିବା ନେଇ ସେ ପ୍ରକାଶ କରିଥିଲେ। ଏଥିରେ ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ, ଦିଗଧର ସରପଞ୍ଚ ମଳୟ ପରିମାଣିକଙ୍କ ସମେତ ସମସ୍ତ ସରପଞ୍ଚ ସଂଘର ନିଷ୍ପତ୍ତି ଅନୁଯାୟୀ ପ୍ରକଳ୍ପ ତାଲିକା ବ୍ଲକରେ ଦାଖଲ ନ କରିବାକୁ କହିଥିଲେ। ବୈଠକରେ ଏପିଓ ଧାନଚାନ୍ଦ ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଖବରଦାତାଙ୍କୁ ଅଣଦେଖା ନେଇ ଅସନ୍ତୋଷ

## ବେତନଟୀ ପଞ୍ଚାୟତ ସମିତି ବୈଠକ

ବେତନଟୀ,୨୪।୨(ଧରଣୀଧର ମହାନ୍ତି)

ବେତନଟୀ ପଞ୍ଚାୟତ ସମିତି ବୈଠକରେ ଖବରଦାତାମାନଙ୍କୁ ଅଣଦେଖା କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଅନୁମୋଦନ କାର୍ଯ୍ୟକ୍ରମ ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଓ ବିଡିଓ ସୁଶାନ୍ତ କୁମାର ସୁତାରଙ୍କ ସମେତ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ଗତ ୭ ତାରିଖରେ ବିଡିଓ ପତ୍ର ସଂଖ୍ୟା ୩୭୬ରେ ଚିଠି କରିଥିବା ବେଳେ ଏହାର ଏକକିତା ନକଲ ମୟୂରଭଞ୍ଜ ଏମ୍‌ପି, ବିଧାୟକ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟାସଭ୍ୟ, ପଞ୍ଚାୟତ ସମିତିର ସଭ୍ୟା ସଭ୍ୟ ଓ ସରପଞ୍ଚମାନଙ୍କୁ ଉପସ୍ଥିତ ହେବା ପାଇଁ ଉଲ୍ଲେଖ କରାଯାଇଥିଲା। ବେତନଟୀ ବ୍ଲକ ଅଧୀନରେ ଥିବା ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଦାୟିତ୍ୱରେ ଥିବା ଜିଲା ଅଧିକାରୀମାନଙ୍କୁ ମଧ୍ୟ ଏହି ଚିଠି ପ୍ରଦାନ କରାଯାଇଥିଲା। ୧୬ଦିନ ପୂର୍ବରୁ ସମସ୍ତଙ୍କୁ ଚିଠି ହୋଇଥିବା ବେଳେ ସଭାକାର୍ଯ୍ୟ ଆରମ୍ଭର ୧୫ ମିନିଟ ପୂର୍ବରୁ ବେତନଟୀ ବ୍ଲକ ସହକାରୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ବ୍ଲକ ମିଡିଆ ୱାଟ୍ସଆପ ଗ୍ରୁପରେ ଜଣାଇଥିଲେ। ଫଳରେ ଖବରଦାତାମାନେ ବୈଠକରେ ଠିକ୍ ସମୟରେ ଉପସ୍ଥିତ ହୋଇପାରି ନ ଥିଲେ। ପୂର୍ବରୁ ମଧ୍ୟ ଏହିପରି ବ୍ଲକ ପ୍ରଶାସନ ପକ୍ଷରୁ ବୈଠକ ସମ୍ପର୍କିତ ସୂଚନା ସମସ୍ତ ଖବରଦାତାଙ୍କୁ ଠିକ୍ ସମୟରେ ମିଳୁ ନ ଥିବାରୁ ଏହା ୱାଟ୍ସଆପ ଗ୍ରୁପରେ ଜଣାଇବା ପାଇଁ ଜଣାଯାଇଥିଲା। ମାତ୍ର ବୈଠକ ଆରମ୍ଭର ୧୫ ମିନିଟ ପୂର୍ବରୁ ଖବରଦାତାମାନଙ୍କୁ ସୂଚନା ଦେବାର ଅର୍ଥ ସେମାନେ ମିଟିଂକୁ ନ ଆସିବା ପାଇଁ ଏକ ବିକଳ୍ପ ଉଦ୍ୟମ ହୋଇଛି ବୋଲି ବୁଝା ପଡୁଛି। ଏସମ୍ପର୍କରେ ବିଡିଓ ସୁତାରଙ୍କୁ ପଚାରିବାରୁ ଯାହାଙ୍କୁ ସୂଚନା ଦେବା ପାଇଁ ଦାୟିତ୍ୱ ଦିଆଯାଇଥିଲା ସେ ଠିକ୍ ସମୟରେ ସୂଚନା ଦେଇନାହାନ୍ତି। ପରବର୍ତ୍ତୀ ବୈଠକରେ ଏଭଳି ଭୁଲ ହେବ ନାହିଁ ବୋଲି କହିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

# ମୋରଡ଼ା ପଞ୍ଚାୟତ ସମିତି ବୈଠକ

ମୋରଡ଼ା,୨୪।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲ୍‌ରେ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ସୋମବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଅଣାକର ନାଏକ, ଏଇ ସୁଶାନ୍ତ ନାଏକ, ଜିଲା ପରିଷଦ ସଭ୍ୟା ଝରଣା ମୁର୍ମୁ, ଜିଲା ପରିଷଦ ସଭ୍ୟ ଅଭିରାମ ଭୋଇ, ଜିପିଓ ଦାୟିତ୍ୱରେ ଥିବା ପ୍ରସନ୍ନ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ନାଏକ ଏହି ସ୍ୱତନ୍ତ୍ର ଅଧିବେଶନକୁ ପରିଚାଳନା କରିଥିଲେ। ଅଧିବେଶନରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ହେବାକୁ ଥିବା ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଆଲୋଚନା କରାଯାଇଥିଲା । ତେବେ ଉକ୍ତ ଯୋଜନାରେ ମୋରଡା ବ୍ଲକ ପାଇଁ ୪ କୋଟି ୪ ଲକ୍ଷ ୫୯ ହଜାର ୧୨୨ ଟଙ୍କା ଅନୁମୋଦନ ହୋଇଛି । ଜନ ସଂଖ୍ୟା ଅନୁସାରେ ଉକ୍ତ ଟଙ୍କାକୁ ବ୍ଲକର ୨୦ଟି ପଞ୍ଚାୟତ ପାଇଁ ଭାଗ ହୋଇଛି । ବ୍ଲକର ଭାଲିଆଡିହା ପଞ୍ଚାୟତ ପାଇଁ ସର୍ବାଧିକ ୩୦ ଲକ୍ଷ ଟଙ୍କା ଥିବା ବେଳେ ଚିତ୍ରଡା ପଞ୍ଚାୟତ ପାଇଁ ୨୦ ଲକ୍ଷ ଟଙ୍କା ଏବଂ ଅନ୍ୟ ପଞ୍ଚାୟତର ଜନସଂଖ୍ୟା ଅନୁସାରେ ଟଙ୍କା ଅନୁମୋଦନ ହୋଇଛି। ତେଣୁ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ ହେବା ଜରୁରୀ ସେଗୁଡିକର ତାଲିକା ଯଥାଶୀଘ୍ର ଦେବାକୁ ସରପଞ୍ଚ, ସମିତି ସଭ୍ୟମାନଙ୍କୁ ବିଡିଓ ନାଏକ ପରାମର୍ଶ ଦେଇଛନ୍ତି। ସେହିପରି ଉପସ୍ଥିତି ଥିବା ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ନିଜ ନିଜ ବିଭାଗର ଦରକାର ଉନ୍ନୟନମୂଳକ କାର୍ଯ୍ୟ ବାବଦରେ ଅବଗତ କରାଇଥିଲେ। କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍ ଡ୍ରେନେଜ ବ୍ୟବସ୍ଥା, ଜେନେରାଲ ୱେଷ୍ଟେଜକୁ ପଞ୍ଚାୟତ ଦ୍ୱାରା ସଫେଇ କାର୍ଯ୍ୟକୁ ପ୍ରସ୍ତାବ ଦେଇଥିଲେ ଅଧିକାରୀ ହାମ୍ବିରା ମୁର୍ମୁ । ସେହିପରି ସିଡିପିଓ ବିଜୟଲକ୍ଷ୍ମୀ ଦଣ୍ଡପାଟ ବ୍ଲକର ଥିବା ୭୦ଟି ଅଙ୍ଗନୱାଡି କେନ୍ଦ୍ରର ମରାମତି ପାଇଁ ପ୍ରସ୍ତାବ ଦେଇଥିଲେ।


ବୈଠକରେ ଉପସ୍ଥିତ ବିଡିଓ ଏବଂ ଅନ୍ୟମାନେ।

# ରାଇରଙ୍ଗପୁର-ଡିଆର୍‌କେ(ବି) ଫାଇନାଲ ମୁକାବିଲା

## ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ବାରିପଦା,୨୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ମଙ୍ଗଳବାର ଖେଳାଯିବ। ରାଇରଙ୍ଗପୁର ଓ ଡିଆର୍‌କେ (ବି) ଫାଇନାଲ ମ୍ୟାଚ ଖେଳିବେ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

ଗ୍ରୁପ-ବିର ଶେଷ ମ୍ୟାଚରେ କରଞ୍ଜିଆ କ୍ଲବ ମୟୂରଭଞ୍ଜ ରେଡ୍ କ୍ଲବକୁ ୧୭୦ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କରଞ୍ଜିଆ ୩୦ ଓଭରରେ ୯ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଭବେଶ ବେହେରା ୩୭, ସାହିଲ କୁମାର ମହାନ୍ତ ୩୨ ଓ ପୁରୁଷୋତ୍ତମ ଦାସ ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ଶୁଭମ ମହାନ୍ତି, ବୀରୁ ଟୁଡୁ, ନବନୀତ ବେହେରା ଓ ତୁଷାର ମହାକୁଡ଼ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମୟୂରଭଞ୍ଜ ରେଡ୍ ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୫ ରନ ସଂଗ୍ରହ କରିପାରିଥିଲା। ଦଳ ପକ୍ଷରୁ ପ୍ରୀତମ ଆଚାର୍ଯ୍ୟ ୨୨ ରନ କରିଥିବା ବେଳେ ବିପକ୍ଷ ଦଳର ଅଭିଜିତ ପ୍ରସାଦ ଘଣା ୨ଟି ଉଇକେଟ ଅକ୍ତିଆର କରିଥିଲେ। ଲୋକନାଥ ପୃଷ୍ଟି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲ୍ଲୀପ କୁମାର ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ପିତ କୁମାର ମହାରଣା ସ୍କୋରିଂରେ ସହାୟତା କରିଥିଲେ। କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ମେଧାବୃତ୍ତି ପରୀକ୍ଷାରେ ସଫଳ ଛାତ୍ରଙ୍କୁ ସମ୍ବର୍ଦ୍ଧନା**

ବଉଳା,(ଦୁର୍ଗା ପ୍ରସାଦ ଆୟିଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ତୃତୀୟ ଶ୍ରେଣୀ ମେଧାବୃତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାଟଡ଼ିହୀର ଛାତ୍ର ଶିବାଂଶ ଘଡ଼େଇ ସର୍ବୋଚ୍ଚ ନଂ. ୮୫ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଭବିଷ୍ୟତ ଉଜ୍ଜଳମୟ ହେଉ ବୋଲି ଗୁରୁମା, ଗୁରୁଜୀ ଓ ପ୍ରଧାନ ଆଚାର୍ଯ୍ୟ କହିଛନ୍ତି।

## କେନ୍ଦୁଝର

# ଘୋଷଣାରେ ସୀମିତ ରାଜ୍ୟ ରାଜପଥ

ଯୋଡ଼ା,୨୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳକୁ ସଂଯୋଗ କରୁଥିବା ଯୋଡ଼ା–ବାମେବାରି ରାଜ୍ୟ ରାଜପଥ ନଂ. ୨ ଅଧାରେ ଅଟକିଛି। ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହାକୁ ସରକାର ରାଜ୍ୟ ରାଜପଥ ଭାବେ ଘୋଷଣା କରିଥିଲେ ମଧ୍ୟ ପ୍ରଶାସନିକ ଆନ୍ତରିକତା ଅଭାବରୁ କାର୍ଯ୍ୟ ଅଧାରେ ଅଟକି ରହିଛି। ଫଳରେ ରାସ୍ତାରେ ଦୁର୍ଘଟଣା ବୃଦ୍ଧି ପାଇବା ସହିତ ଧୂଳି ପ୍ରଦୂଷଣ ଓ ରାସ୍ତା ଜାମ ପରି ଭୟଙ୍କର ସମସ୍ୟାରେ ପ୍ରତିଦିନ ଲୋକେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବାରୁ ଖଣି ଅଞ୍ଚଳରେ ଜନସାଧାରଣଙ୍କ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଯୋଡ଼ା–ବାମେବାରି ରାଜ୍ୟ ରାଜପଥ ଯୋଡ଼ା ଖଣି ମଣ୍ଡଳର ମୁଖ୍ୟ ରାସ୍ତା ଭାବେ ପରିଚିତ। ରାସ୍ତା ଉପରେ ଯୋଡ଼ା ବ୍ଲକ୍‌ର ବଳଦା, ବଡ଼କାଳୀ ମାଟି, ପଳଶା, ଜଜାଙ୍ଗ, ଜଳହରୀ, ଜୁରୁଡ଼ି ପଞ୍ଚାୟତ ସମେତ ଯୋଡ଼ା ସହରବାସୀ ଦୈନନ୍ଦିନ କାର୍ଯ୍ୟ ସହିତ ଖଣି କ୍ଷେତ୍ରକୁ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ ବିଭିନ୍ନ ରେଳ ସାଇଡ଼ିଂ ଓ ଦେଶର ବିଭିନ୍ନ ପ୍ରାନ୍ତରେ ଥିବା କାରଖାନା ଓ ବନ୍ଦରକୁ ଯାଇଥାଏ। ଖଣିଜ ବୋଝେଇ ଟ୍ରକ୍ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲୋକେ ଜାମ୍‌ରେ ଫସିବା ସହ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ସବୁ ଦୃଷ୍ଟିରୁ ସରକାର ବିଚାର କରି ପୂର୍ତ୍ତ ବିଭାଗର ଏହି ରାସ୍ତାକୁ ରାଜ୍ୟ ରାଜପଥ ନଂ ଦୁଇ ଭାବେ ଘୋଷଣା କରିଥିଲେ। ରାସ୍ତାର ସମ୍ପ୍ରସାରଣ ନିମନ୍ତେ ୨୦୧୮ରେ

### ଅଧାରେ ଅଟକିଛି ଯୋଡ଼ା-ବାମେବାରି ରାସ୍ତା



ଅଧପନ୍ତରିଆ ରାସ୍ତା।

ଜିଲା ଖଣିଜ ପାଣ୍ଠିରୁ ୫୭ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ମାତ୍ର ପ୍ରଶାସନିକ ଉଦାସୀନତା କାରଣରୁ କାର୍ଯ୍ୟ ଅଧାରେ ଅଟକିଛି। ବାଂଶପାଣିଠାରୁ ଆରମ୍ଭ କରି ଜୁରୁଡ଼ି, ଅନ୍ତରମାନ୍ତର ଛକ, ହେଶାବେଡ଼ା ଛକ, ବାମେବାରି ବଜାର, କାଳୀମାଟି ଛକ ପର୍ଯ୍ୟନ୍ତ ସ୍ଥାନମାନଙ୍କରେ ରାସ୍ତା ଅତି ସଙ୍କୁଚିତ ହୋଇ ରହିଛି। ବାଂଶପାଣିଠାରେ ଥିବା ଜରାଜୀର୍ଣ୍ଣ ଓ ସଙ୍କୁଚିତ ଓଭର ବ୍ରିଜ ରାସ୍ତା, ଜୁରୁଡ଼ି ପୋଲ, ଅନ୍ତରାମାନ୍ତର ପୋଲ ଦୁର୍ବଳ ହୋଇ ରହିଥିଲେ ମଧ୍ୟ ନୂତନ ପୋଲ ନିର୍ମାଣ ଦିଗରେ ଧ୍ୟାନ ଦିଆ ଯାଉନାହିଁ। ସରକାର ଏହାକୁ ୪ ଲେନ ପାଇଁ ଘୋଷଣା କରିଥିଲେ ହେଁ ପ୍ରଶାସନିକ ଅସହଯୋଗରୁ ଏହା ଅଧାରେ ଅଟକି ଥିବା ସୁରେନ୍ଦ୍ର ମହାନ୍ତି, ପ୍ରଣବ ମହାନ୍ତି, ମଧୁ ସାହୁ, ବିନୋଦ କାରୁଆ, ଶିବୁ ଶର୍ମା, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ କହିଛନ୍ତି। ପୂର୍ତ୍ତ ବିଭାଗ ଏସ୍‌ଡିଓ ରାମଦାସ ମାରାଣ୍ଡି କହିଛନ୍ତି, ମଞ୍ଜୁର ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ଥିବାରୁ ୪ ଲେନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସରକାରୀସ୍ତରରେ ପୁଣି ନୂତନ ଯୋଜନା ପ୍ରସ୍ତୁତ କରାଯାଉଥିବା ସେ କହିଥିଲେ।

## କନକ ଜୁଏଲାରିରୁ ସୁନା କିଣି ଇ-ସ୍କୁଟର ପାଇଲେ



ସ୍କୁଟର ବିଜେତା ଆଲୋକ କୁମାର ଘଡ଼େଇ।

କେନ୍ଦୁଝର,୨୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତଥା ଉତ୍ତର ଓଡ଼ିଶାର ନିର୍ଭରଯୋଗ୍ୟ ସୁନା ଗହଣା ପ୍ରତିଷ୍ଠାନ କନକ ଜୁଏଲାରୀ ପକ୍ଷରୁ ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର କିଣି ଇ-ସ୍କୁଟର ଯୋଜନା ଚାଲୁ ରହିଛି। ଗତବର୍ଷ ୨୦ରୁ ଊର୍ଦ୍ଧ୍ୱ ଗ୍ରାହକ ଏଥିରେ ଲାଭବାନ ହୋଇଥିବା ବେଳେ ଚଳିତବର୍ଷ ମଧ୍ୟ ଅନେକ ଗ୍ରାହକ ଏହାର ସୁଯୋଗ ନେଇ ଇ-ସ୍କୁଟର ପାଉଛନ୍ତି। ରବିବାର କେନ୍ଦୁଝର ଜିଲାର ପଦ୍ମପୁର ନିକଟସ୍ଥ ଜଙ୍ଘାର ଗ୍ରାମର ଆଲୋକ କୁମାର ଘଡ଼େଇ ଏପରି ଉପହାର ପାଇଛନ୍ତି। ଆଲୋକଙ୍କୁ ଏହି ଉପହାର ପ୍ରଦାନ ସମୟରେ ବିଏସ ମଲ-କନକ ଜୁଏଲାରୀର ପରିଚାଳକ ବିଶ୍ୱନାଥ ରାଉଳ ଉପସ୍ଥିତ ଥିଲେ।

## ୨୭ରୁ କଳିଙ୍ଗ ହର୍ବାଲ ମେଳା

କେନ୍ଦୁଝର,୨୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ, କେନ୍ଦୁଝର ଏବଂ ରାଜ୍ୟ ଔଷଧୀୟ ବୃକ୍ଷ ନିଗମ ଦ୍ୱାରା ଆୟୋଜିତ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଫେବୃୟାରୀ ୨୭ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ କାଳିପଡ଼ିଆରେ ଅନୁଷ୍ଠିତ ହେବ। ଏ ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ସୂଚନା ଦେଇଛନ୍ତି। ମେଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୈଦ୍ୟ ତଥା ଆୟୁର୍ବେଦିକ ଡାକ୍ତର ଅଂଶଗ୍ରହଣ କରିବେ। ମେଳାରେ ପ୍ରାୟ ୬୦ ଜଣ ବୈଦ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ୍ ମିଶନ, ଶ୍ରମ ନିୟୋଜନ ବିଭାଗ, ଓଡ଼ିଶା ବନ ଉନ୍ନୟନ ବିଭାଗ ପକ୍ଷରୁ ୭୫ଟି ଷ୍ଟଲ୍ ଖୋଲାଯାଇ ଆୟୁର୍ବେଦିକ ଔଷଧ ତଥା ଜଡ଼ିବୁଟି ବିକ୍ରିବଟା କରାଯିବା ସହ ମାଗଣାରେ ଚିକିତ୍ସା ମଧ୍ୟ କରାଯିବ। ଏହାଛଡା ୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମେଳାରେ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ସମ୍ମିଳନୀ, ବରିଷ୍ଠ ନାଗରିକଙ୍କ ପାଇଁ ପୁରାତନ ରୋଗ ଉପଚାର ସମ୍ପର୍କରେ ଆଲୋଚନାଚକ୍ର କରାଯିବ। ପ୍ରତିଦିନ ସକାଳ ୧୦ଟାରୁ ରାତି ୯ଟା ପର୍ଯ୍ୟନ୍ତ ଆୟୁର୍ବେଦିକ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ତଥା ବିଭିନ୍ନ ରୋଗ ସମ୍ବନ୍ଧରେ ପରାମର୍ଶ ଦିଆଯିବ। ଏଥିସହ ବିଭିନ୍ନ ସାଂସ୍କୃତିକ ସଂଗଠନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ମେଳାରେ ପ୍ରବେଶ ସମ୍ପୂର୍ଣ୍ଣ ମାଗଣା ବୋଲି ଡିଏଫ ସୂଚନା ଦେଇଛନ୍ତି।

## ବନାଗ୍ନି ରୋକିବାକୁ ପାଲା, ପଥପ୍ରାନ୍ତ ନାଟକ



ପାଲା କଳାକାର,ଗ୍ରାମବାସୀ ଓ ବନ ବିଭାଗ କର୍ମଚାରୀମାନେ।

ଚମ୍ପୁଆ,୨୪।୨(ମହେଶ୍ୱର ଦାସ)

କେନ୍ଦୁଝର ବନଖଣ୍ଡ ଡିଏଫ୍‌ଓ ଏଚ୍.ଡି ହନୁମନ୍ତଙ୍କ ନିର୍ଦ୍ଦେଶକ୍ରମେ ବନାଗ୍ନି ନିରାକରଣ ପାଇଁ ଚମ୍ପୁଆ ବନାଞ୍ଚଳ ଅଧିକାରୀ ତଥା ଏସିଏଫ ଅକ୍ଷୟ ଛତ୍ରିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଖୁଣ୍ଡା ସେକ୍ସନର ଜ୍ୟୋତିପୁର ବିଟ୍, ବାଙ୍କିଆ ବିଟ୍ ଓ ଉଖୁଣ୍ଡା ବିଟ୍ ଅଞ୍ଚଳର ନିଶାଗଡ଼ିଆ, କାଶିପାଳ, ପୋଖରିଆ, ନିଶ୍ଚିନ୍ତପୁର, ପଡୁଆ, ଜାଲି, ଜ୍ୟୋତିପୁର, ଗଣ୍ଡବରେଇ, ସରସିଙ୍ଗା, ଉଖୁଣ୍ଡା, ବାରିଆ, ଯୋଡ଼ାସିମିଳା ଏବଂ କଞ୍ଚନଡୁମୁରିଆ ଗାଁଗୁଡ଼ିକରେ ପାଲା ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗ ଦ୍ୱାରା ବଛା ବଛା ପାଲା କଳାକାରଙ୍କୁ ନେଇ ପାଲା ପରିବେଷଣ ମାଧ୍ୟମରେ ଗାଁ ଲୋକଙ୍କୁ ବନାଗ୍ନି ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। 'ଜଳୁଛି ଜଙ୍ଗଲ, କାନ୍ଦୁଛି ଜୀବଜଗତ' ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ନିଆଁ ଯୋଗୁ ପ୍ରାକୃତିକ ସମ୍ପଦ ପୋଡ଼ି ପାଉଁଶ ହେବା ସହ ଜଳବାୟୁ ଉପରେ ଏହାରକୁ ପ୍ରଭାବ ପଡୁଛି ବୋଲି ସଚେତନତା କରିଥିଲେ। ଉଖୁଣ୍ଡା ଫରେଷ୍ଟର ପ୍ରଦୀପ ବାରିକ, ଜ୍ୟୋତିପୁର, ଉଖୁଣ୍ଡା ବିଟ୍‌ର ସାଗରିକା ବେଜ, ବନିକା ବିଟ୍‌ର ଜ୍ୟୋତିରୂପା ପାଣିଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ବନ ସୁରକ୍ଷା ସମିତିର ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ଏବଂ ସମସ୍ତ ଫରେଷ୍ଟ ଗାର୍ଡ ଉପସ୍ଥିତ ଥିଲେ।

## ୧୬୩ ପ୍ରକାର ଦେଶୀଧାନ ପ୍ରଦର୍ଶିତ

### ଆନ୍ତଃ ଜିଲା ଜୈବ ବିବିଧତା ମେଳା

କେନ୍ଦୁଝର,୨୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ କିର୍ତ୍ତୀ ଆନୁକୂଲ୍ୟରେ ଅଗ୍ରଣୀ କୃଷକଙ୍କୁ ନେଇ ଏକ ୨ ଦିନିଆ ଆନ୍ତଃଜିଲା ଜୈବ ବିବିଧତା ମେଳାର ଆୟୋଜିତ ହୋଇଯାଇଛି। ଏଥିରେ ଓଡ଼ିଶାର କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ମୟୂରଭଞ୍ଜ ଆଦି ଜିଲା ଓ ଝାଡଖଣ୍ଡ ରାଜ୍ୟର ପଶ୍ଚିମ ସିଂଭୂମ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ଚାଷୀ ଅଂଶ ଗ୍ରହଣ କରି ଚାଷର ସୁରକ୍ଷା ଓ ଜୈବ ବିବିଧତା ରକ୍ଷା ଦିଗରେ ମାନସ ମନ୍ଥନ କରିଥିଲେ। କୃଷକମାନେ ୧୬୩ ପ୍ରକାର ଦେଶୀଧାନ, ୧୧ ପ୍ରକାର ମିଲେଟ, ୧୨ ପ୍ରକାର ଜଙ୍ଗଲୀ ଆଳୁ ଓ ଅନେକ ପ୍ରକାର ଜଙ୍ଗଲ ସାଗ ଏବଂ ଔଷଧୀୟ ବୃକ୍ଷ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦୁସ୍କର ବାରିକଙ୍କ ପ୍ରତିନିଧିତ୍ୱରେ ଏବଂ ଅନୁଷ୍ଠାନର ସଭାପତି ଶରତ ରାଉତଙ୍କ ଅଧ୍ୟକ୍ଷତାରେ ସମ୍ମିଳନୀର କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଧରଣୀଧର ମହାବିଦ୍ୟାଳୟର କୁଳପତି ଡ. ପ୍ରତାପ ମହାନ୍ତି, ପରିବେଶବିତ୍ ଡଃ ବିମ୍ବାଧର ବେହେରା ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ଡ. ବିପିନି ବିହାରି ମହାପାତ୍ର, ଭାରତୀ ସାହୁ, ନିରଞ୍ଜନ ବାରିକ ଜଳବାୟୁ ପରିବର୍ତ୍ତନର କୁ ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। କୃଷି ଓ ଉଦ୍ୟାନ କୃଷି ବିଭାଗରୁ ଯୋଗ ଦେଇଥିବା ସମ୍ମାନୀୟ ଅତିଥି ଗୋବିନ୍ଦ ଚନ୍ଦ୍ର ବେହେରା, ସତ୍ୟବାନ ସୋରେନ ପ୍ରଦର୍ଶିତ ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ସେବା କାର୍ଯ୍ୟ



ରୋଟାରୀ କ୍ଲବ୍ ପକ୍ଷରୁ ପିଲାକୁ ସ୍କୁଲ ବ୍ୟାଗ୍ ପ୍ରଦାନ କରାଯାଇଛି।

କେନ୍ଦୁଝର,୨୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ରୋଟାରୀ କ୍ଲବ୍ ୧୨୦ତମ ଜନ୍ମ ଦିବସ ଦେଶ, ବିଦେଶରେ ପାଳନ କରୁଛି। ଏହି କ୍ରମରେ ୨୩ ଫେବୃଆରୀ ରୋଟାରୀ ଦିବସକୁ ସ୍ମରଣୀୟ କରିବା ପାଇଁ ରୋଟାରୀ କ୍ଲବ୍‌ର ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦୁଝରଗଡ଼ ଓ ହିମା ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ସର୍ଭାଇକାଲ କର୍କଟ ରୋଗର ମାଗଣା ସ୍କ୍ରିନିଂ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରୋଗର ଭୟାବହତା ବିଷୟରେ ମା'ଙ୍କୁ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡ. ମମତାରାଣୀ ଜେନା ବିସ୍ତୃତ ଭାବେ ବୁଝାଇ ସଚେତନ କରାଇଥିଲେ। ମାଗଣା ସ୍କ୍ରିନିଂ କାର୍ଯ୍ୟକ୍ରମରେ ପ୍ରାୟ ୪୦ ମହିଳାଙ୍କ ମାଗଣା ସ୍କ୍ରିନିଂ କରାଯାଇଥିଲା। ଇତି ଅବସରରେ ବିଭିନ୍ନ ଗାଁରେ ମଶାରୀ ବଣ୍ଟନ, ଆର୍ଟ ଅଫ ଲିଭିଂ ସ୍କୁଲରେ ପ୍ରାଥମିକ ଚିକିତ୍ସା ବାକ୍ସ ଏବଂ ପାଠ୍ୟ ସାମଗ୍ରୀ ବଣ୍ଟନ, ରୋଟାରୀ ଦିବସରେ ଅସହାୟ ପିଲାଙ୍କୁ ସ୍କୁଲ ବ୍ୟାଗ ଏବଂ ପାଠ୍ୟ ସାମଗ୍ରୀ ବଣ୍ଟନ ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା। ରୋଟାରିଆନ ପ୍ରଶାନ୍ତ ସ୍ୱାଇଁ, ରୋଟାରିଆନ ମହେଶ ଚୌଡ଼ା, ରୋଟାରିଆନ ଦୀପକ ନାୟକ, ରୋଟାରିଆନ ବିଜୟ ବେହେରା, ଡା. ମମତା ରାଣୀ ଜେନା, ଡା. ରଶ୍ମି ରଞ୍ଜନ ଭଞ୍ଜ, ଇନରହୁଇଲ ସଦସ୍ୟ ରୀତା କପୁର, ସସ୍ମିତା ପ୍ରଧାନ, ରୋଟାରିଆନ ଡା. ବିଷ୍ଣୁ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଦ୍ୱିତୀୟ କିସ୍ତି ମିଳିନି, ଶ୍ରମିକ ମଜୁରି ମିଳିଛି

ହାଟଡ଼ିହୀ,୨୪।୨(ଶୁଭକାନ୍ତ ନାୟକ):

### ଗୃହ ନିର୍ମାଣରେ ସତ୍ୟତାକୁ ନେଇ ପ୍ରଶ୍ନବାଚୀ

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ପ୍ରତି ହିତାଧିକାରୀଙ୍କୁ ୩ କିସ୍ତିରେ ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଏ। ଏଥିସହ ଶ୍ରମିକ ମଜୁରୀ ବାବଦରେ ଏମଜିଏନ୍‌ଆର୍‌ଇଜିଏସ୍‌ରେ ୨୧ ହଜାର ୩୩୪ ଟଙ୍କା ମଧ୍ୟ ପ୍ରଦାନ ହୁଏ। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶଢ଼ା ସରପଞ୍ଚ ସନ୍ତୋଷ ଯେନାଙ୍କ ପତ୍ନୀ ସାଗରିକାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଗୃହ ମିଳିଥିଲା। ବ୍ଲକ୍ ତରଫରୁ ସାଗରିକାଙ୍କୁ ଗୃହ ପ୍ରଦାନ ପାଇଁ ୩୦ ଡିସେମ୍ବର ୨୦୨୨ରେ ପ୍ରଶାସନିକ ଅନୁମୋଦନ ହୋଇଥିଲା। ପ୍ରଥମ କିସ୍ତି ବାବଦରେ ୨୯ ଜୁନ ୨୦୨୩ରେ ଅର୍ଡର ସିଟ ପ୍ରସ୍ତୁତ କରାଯାଇ ୧ ଜୁଲାଇ ୨୦୨୩ ରେ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୨୪ରେ ଦୈନିକ ମଜୁରୀ ବାବଦରେ ୨୫୪ ଟଙ୍କା ହିସାବରେ ଏମଜିଏନ୍‌ଆର୍‌ଇଜିଏସ୍‌ରେ ୪ ମାସ ପୂର୍ବରୁ ୧୭ ହଜାର ୭୮୦ ଟଙ୍କା ଶ୍ରମିକ ମଜୁରୀ ପ୍ରଦାନ କରାଯାଇଛି। ସେହିପରି ଅନ୍ୟ ହିତାଧିକାରୀ ଅନୁସୂୟା ଯେନା ପ୍ରଥମ କିସ୍ତିରେ ୪୦ ହଜାର ପାଇଥିବା ବେଳେ ୭ ମାସ ପୂର୍ବରୁ ଶ୍ରମିକ ମଜୁରୀ ବାବଦରେ ସମ୍ପୂର୍ଣ୍ଣ ଅନୁଦାନ ୨୧ ହଜାର ୩୩୪ ଟଙ୍କା ମଧ୍ୟ ପାଇ ସାରିଛନ୍ତି। ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ଉଭୟ ଦ୍ୱିତୀୟ କିସ୍ତି ପାଇନାହାନ୍ତି। ତେବେ ଶ୍ରମିକ ମଜୁରୀ ପୂର୍ବରୁ ପ୍ରଦାନ ହୋଇଥିବା ବେଳେ ଦ୍ୱିତୀୟ କିସ୍ତି ଅନୁଦାନ ପାଇନାହାନ୍ତି। ଫଳରେ ଗୃହ ନିର୍ମାଣର ସତ୍ୟତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରପଞ୍ଚଙ୍କ ସ୍ୱାମୀ ସନ୍ତୋଷ ଯେନା କହିଛନ୍ତି, ଘଟଣାକୁ ନେଇ ମିଛରେ ହୋ ହାଲ୍ଲା କରାଯାଉଛି। ଏ ବାବଦରେ ଅନେକ ଲୋକ ଫୋନ କରୁଛନ୍ତି। ଗୃହ ନିର୍ମାଣ କରାଯାଇ ଶ୍ରମିକ ମଜୁରୀ ଉଠାଣ ହୋଇଛି। ଦ୍ୱିତୀୟ କିସ୍ତି ପାଇନୁ। ସବୁ କାର୍ଯ୍ୟ ଠିକ୍ ଭାବେ ହେଉଛି। ବିଡିଓ ରଞ୍ଜନ ପରିଡ଼ା କହିଛନ୍ତି, ଗୃହ ନିର୍ମାଣ ସ୍ଥିତି ଅନୁସାରେ କ୍ରମାଗତ ଭାବେ ଶ୍ରମିକ ମଜୁରୀ ମିଳେ। ଏଥିରେ ବ୍ୟତିକ୍ରମ କଲେ ଓପିଡିଆର ଆକ୍ଟ ଅନୁସାରେ ମାମଲା ରୁଜୁ ହେବ। ଘଟଣାର ସତ୍ୟତା ଦିଗରେ ଅନୁଧ୍ୟାନ କରାଯିବ।

## ସେବା ଫାଉଣ୍ଡେଶନର ଗୃହ ଉଦ୍‌ଘାଟିତ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଢେଙ୍କିକୋଟ,୨୪।୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଗଦାଧରପୁର ପଞ୍ଚାୟତ କୁଢ଼ଟାଙ୍ଗରସ୍ଥିତ ସେବା ଫାଉଣ୍ଡେସନର ନୂତନ ଗୃହକୁ ଫାଉଣ୍ଡେଶନ ତରଫରୁ ଆବାହକ ସରୋଜ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଆରଏସଏସର ଅଖିଳ ଭାରତୀୟ ସହ ସେବା ପ୍ରମୁଖ ରାଜକୁମାର ଜୀ ମଟାଲେ, ସମ୍ମାନୀୟ ଅତିଥିଭାବେ ଆରଏସଏସ କ୍ଷେତ୍ର ସେବା ପ୍ରମୁଖ ଦୀପକ ରାଉତ, ଓଡ଼ିଶା ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ପାତ୍ର, ଓଡ଼ିଶା ପୂର୍ବ ସହପ୍ରାନ୍ତ ପ୍ରଚାରକ ଅସିତ ସାହୁ, ଡ଼. କାମଫଳ ସାହୁ, ଟ୍ରଷ୍ଟି ଡ଼. ସନ୍ତୋଷ ସାହୁ, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଉଦ୍ୟୋକ୍ତା ସରୋଜ ସାହୁ ପ୍ରମୁଖ ଯୋଗଦେଇ ନୂତନ ଗୃହକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହାର ମୂଳ ଲକ୍ଷ ଦିବ୍ୟାଙ୍ଗଙ୍କ ପାଇଁ ସାମାଜିକ ଦୃଷ୍ଟିକୋଣ ବଦଳାଇବା, ଦିବ୍ୟାଙ୍ଗଙ୍କର ସର୍ବାଙ୍ଗୀନ ଉନ୍ନତି, ଓ ସ୍ୱରୋଜଗାର ସୃଷ୍ଟି। ଦିବ୍ୟାଙ୍ଗମାନେ ବଜାରକୁ ସମ୍ପୂର୍ଣ୍ଣ ଶୁଦ୍ଧି ଓ ସ୍ୱଦେଶୀ ହାତ ତିଆରି ସ୍ୱାସ୍ଥ୍ୟକର ଉପକରଣ ପହଞ୍ଚାଇବା। ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଶତାଧିକ ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରାଯାଇଥିଲା।

## ସହରରେ ସାହିକୁ ରାସ୍ତା ନାହିଁ

ଚମ୍ପୁଆ,୨୪।୨(ମହେଶ୍ୱର ଦାସ)

### ଚମ୍ପୁଆ ଏନ୍‌ଏସିକୁ ପୂରିବ ୧୦ ବର୍ଷ

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିର ୧୦ ବର୍ଷ ପୂରିବାକୁ ଆଉକିଛି ଦିନ ବାକି ରହିଛି। ମାତ୍ର ଆଜି ପର୍ଯ୍ୟନ୍ତ ୧୩ ନମ୍ବର ୱାର୍ଡର ହୁଡିସାହି ଗାଁକୁ ନିତିଦିନିଆ ରାସ୍ତା ନ ଥିବା ପରିତାପର ବିଷୟ ପାଲଟିଛି। ଏନ୍‌ଏସିର ଉନ୍ନତିକୁ ଶିଖରରେ ପହଞ୍ଚାଇବା ପାଇଁ ଡିଣ୍ଡିମ ପିଟୁଥିବା ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନଜର ଆଜି ପର୍ଯ୍ୟନ୍ତ ଏ ଗାଁ ଉପରେ ପଡ଼ିପାରିଲା ନାହିଁ।

ପ୍ରକାଶ ଯେ, ୧୩ ନମ୍ବର ୱାର୍ଡ ନୂଆଗାଁର ଏହା ବଡ଼ ସାହି ହୋଇଥିବା ବେଳେ ଗାଁରେ ଶତକଡା ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ସୁଦ୍ଧା ୫ ଜଣ ଏନ୍‌ଏସି ନିର୍ବାହୀ ଅଧିକାରୀ ନିଜ ଦାୟିତ୍ୱ ନିର୍ବାହ କରିଛନ୍ତି। ମାତ୍ର ହୁଡ଼ିସାହିର ନିତିଦିନିଆ ରାସ୍ତା ନିର୍ମାଣ ହେଉନାହିଁ। ଗ୍ରାମବାସୀ ଏନ୍‌ଏସି ମୁଖ୍ୟାଳୟକୁ ଆସିବାକୁ ହେଲେ ରଜିଆ ପଞ୍ଚାୟତର କଞ୍ଚନପୁର ଓ ଜୟନ୍ତୀନାପୁର ଦେଇ ୪ ରୁ ୫ କି.ମି ବୁଲିବାକୁ ପଡୁଛି। ନୁଆଁଗାଁରୁ ହୁଡ଼ିସାହିକୁ ଏକ ଚିରସ୍ରୋତା ନାଳ ଅଲଗା କରି ରଖିଛି। ନାଳ ଉପରେ ପୋଲ ନିର୍ମାଣ କରାଗଲେ ମୁଖ୍ୟାଳୟକୁ



ନୂଆଁ ଗାଁ ହୁଡ଼ି ସାହି ମଧ୍ୟରେ ବୋହିଯାଇଥିବା ନାଳ।

ଗମନାଗମନ କରିପାରିବେ ବୋଲି ଲୋକେ କହିଛନ୍ତି। ରାଜରାଜୁଡ଼ା ଅମଳରୁ ଏଠାରେ ବସବାସ କରୁଥିବା ୩୦୦ରୁ ଊର୍ଦ୍ଧ୍ୱ ଲୋକ ସବାରିବାହାକ ରୂପରେ କାର୍ଯ୍ୟ କରୁଥିଲେ। ରାଜତନ୍ତ୍ର ଯାଇଛି ତଥାପି ଗାଁ ଆଜି ଚମ୍ପୁଆ ଏନ୍‌ଏସିର ସାବତ ପୁଅ ପାଲଟିଛି। ତତ୍କାଳୀନ ଏନ୍‌ଏସି ନିର୍ବାହୀ ଅଧିକାରୀ ଗୌରହରି ମହାନ୍ତ ଗ୍ରାମ ମଝିରେ ୨ କଲ୍‌ଭର୍ଟ ନିର୍ମାଣ କରିଥିଲେ। ହୁଡିସାହିରୁ ନୂଆଗାଁ ଦେଇ ରାସ୍ତା ନିର୍ମାଣ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ହୋଇନାହିଁ। ଏନ୍‌ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି, ସମସ୍ୟା ବିଷୟରେ ଅବଗତ ଅଛନ୍ତି। ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)କୁ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।

## ବଢୁଛି ସୋଲା ଚାଷ, ପ୍ରୋତ୍ସାହନ ମିଳୁନି

କେନ୍ଦୁଝର,୨୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଧାନ ସହିତ ଲାଭଜନକ ସୋଲା ଚାଷ କରି ବହୁ ବର୍ଷ ଧରି ଚାଷୀ ଜୀବନଅତିବାହିତ କରୁଛନ୍ତି। ମାତ୍ର ଉପଯୁକ୍ତ ବଜାର ଅଭାବରୁ ଖର୍ଚ୍ଚାନ୍ତ ହୋଇ କେନ୍ଦୁଝର ସହରକୁ ସୋଲା ବିକିବାକୁ ଆସିଥାନ୍ତି। ୧୦୦ ଟଙ୍କାରେ ୧୦ରୁ ୧୫ ବିଡ଼ା ସୋଲା ବ୍ୟବସାୟୀଙ୍କୁ ବିକିଥାନ୍ତି। ବ୍ୟବସାୟୀ ସେସବୁ କିଣି ନେଇ ଅଧିକ ଲାଭ କରନ୍ତି। ମାତ୍ର ଚାଷୀମାନେ ଉଚିତ ମୂଲ୍ୟ ପାଇ ନ ଥାନ୍ତି। ସରକାରୀସ୍ତରରେ ବିହନ ଯୋଗାଣ ହେଉ ନି, ଜଳସେଚନର ସୁବିଧା ନାହିଁ। ଏପରିକି ଅମଳ ସାମଗ୍ରୀ ବିକ୍ରି ପାଇଁ ବଜାରର ଅଭାବ ଯୋଗୁ ଚାଷୀମାନେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକ୍ ଧନୁର୍ଯ୍ୟୟପୁର, ସାନକମଣ୍ଡରା, ବଡ଼ କମଣ୍ଡରା, ହାତୀନୋଟା, ମିଶ୍ରମାଳ, ଖୁଣ୍ଟବନ୍ଧ, ଗୋପୀନାଥପୁର, ବ୍ରାହ୍ମଣୀପଙ୍ଗା, ତଅଁଳାଅତା, ଦଧିବାମନପୁର, କାଳୀମାଟି



ବଜାରରେ ଚାଷୀ ସୋଲା ବିକ୍ରି କରୁଛନ୍ତି।

ଆଦି ଗ୍ରାମର ଲୋକମାନେ ସୋଲା ଚାଷ କରି ଆସୁଛନ୍ତି। କିନ୍ତୁ ଜଳସେଚନର କୌଣସି ସୁବିଧା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ସବୁ ଗ୍ରାମ ଦେଇ ବୋହି ଯାଉଥିବା ଚିରସ୍ରୋତା କାଇଁଝରୀ ନଦୀରେ ବନ୍ଧ ପାଇଁ ଦାବି ହୋଇ ଆସୁଥିଲେ ହେଁ ଶୁଣିବାକୁ କେହିନାହାଁନ୍ତି। ଏପରିକି ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ଉଠା ଜଳସେଚନ ସୁବିଧା ମିଳୁ ନ ଥିବାରୁ ସୋଲା ଚାଷୀ ବର୍ଷା ପାଣି ଉପରେ ନିର୍ଭର କରି ଚଳୁଛନ୍ତି। ଉଠାଜଳସେଚନ ପ୍ରକଳ୍ପ ବ୍ୟବସ୍ଥା କରାଗଲେ ସମସ୍ତେ ଉପକୃତ ହୋଇ ପାରନ୍ତେ ଏବଂ ଖର୍ଚ୍ଚ କମିଯାଆନ୍ତା ବୋଲି ମତବ୍ୟକ୍ତ କରିଛନ୍ତି। ସରକାରୀ ପ୍ରୋତ୍ସାହନ ମିଳିଲେ ବହୁ ପରିମାଣରେ ସୋଲା ଅମଳ ହୋଇ ପାରନ୍ତା। ବାହାରକୁ ଚାଲାଣ କରାଗଲେ ଚାଷୀମାନେ ଅଧିକ ପଇସା ପାଇପାରନ୍ତେ ବୋଲି ଅନେକ ଚାଷୀ ଆଶାବ୍ୟକ୍ତ କରିଛନ୍ତି।

ବଡ଼ କମଣ୍ଡରା ଗ୍ରାମର ଚାଷୀ ରାଧୁ ନାଏକ କହିଛନ୍ତି, ଗୋଟିଏ ବର୍ଷ ଭଲ ଚାଷ ହେଲେ ଆଉ ଗୋଟିଏ ବର୍ଷ ପାଣି ଅଭାବରୁ ହେଉନାହିଁ। ଚଳିତ ବର୍ଷ ବର୍ଷା ନାହିଁ। ପାଣି ଅଭାବରୁ ସୋଲା ଗଛରେ ପୋକ ଲାଗିଯାଏ। ଖର୍ଚ୍ଚ ଓ ପରିଶ୍ରମ ଅନୁଯାୟୀ ଲାଭ ହେଉନାହିଁ। ବଜାର ଅଭାବରୁ ବିକ୍ରି ଚିନ୍ତା ବି ଘାରୁଛି। ଭଡ଼ା କରି ବିକ୍ରି କରିବାକୁ ସହରକୁ ଯିବାକୁ ପଡୁଛି। ଧନୁର୍ଯ୍ୟୟପୁରର ହୃଷୀକେଶ ନାୟକ କହିଛନ୍ତି, ୨ ଏକର ଜମିରେ ଚାଷ କରିଥିଲେ। ସବ୍‌ସିଡି ନାହିଁ, ପାଣି ସୁବିଧା ମଧ୍ୟ ମିଳୁନାହିଁ। ଡ୍ୟାମ ଦୂରର କଥା ଉଠାଜଳସେଚନ ପ୍ରକଳ୍ପ ବସାଯିବ ବୋଲି କହିଥିଲେ ମଧ୍ୟ ବସାଗଲାନାହିଁ। ବର୍ଷା ପାଣି ଭରସାରେ ନଚେତ ମୋଟର ବସାଇ ଚାଷ କରୁଛୁ। ଜିଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରା କହିଛନ୍ତି, ଅନେକ ଅଞ୍ଚଳରେ ସୋଲା ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି।

## ସଂକ୍ଷେପରେ

### ଔପଦା ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକ
## ଖବରଦାତାଙ୍କୁ କଟାକ୍ଷ ନେଇ ଅସନ୍ତୋଷ

ପଞ୍ଚଲିଙ୍ଗେଶ୍ୱର, ୨୪।୨(ଲେଲିନ କୁମାର ଦେ): ଔପଦା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିମ୍ବା ପାତ୍ର ସଭାପତିତ୍ୱ କରିଥିଲେ। ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ସଭା ପରିଚାଳନା କରିଥିଲେ। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ସମରଶଙ୍କର କାନୁନଗୋ, ସମିତି ଉପାଧ୍ୟକ୍ଷ ପ୍ରଭାକର ସାହୁ, ନୂଆ କରି ଯୋଗଦେଇଥିବା ବିଡିଓ ଶ୍ୱାଶତୀ ସଡୁଆଳ, ତହସିଲଦାର ମିତାଲି ମଧୁଛନ୍ଦା ପାତ୍ର, ୧ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ମୁନି ସିଂ, ବ୍ଲକ ଜିପିଓ ଦୀପକ କୁମାର ମହନ୍ତୀ ମଞ୍ଚାସୀନ ରହିଥିଲେ। ସରକାରୀ ଯୋଜନା ସମ୍ପର୍କରେ ସୂଚନାପତ୍ରକୁ ଜିପିଓ ପାଠ କରୁଥିବା ବେଳେ ୧୧ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ ମଧ୍ୟ କେତେକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ନ ଥିଲେ। ବିଧାୟକଙ୍କ ତାଗିଦ ପରେ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ହୋଇଥିଲେ। ପଞ୍ଚାୟତସ୍ତରୀୟ ସରକାରୀ ଯୋଜନାର ନିୟମାବଳୀ ଆଲୋଚନା ହେଉଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ନିୟମାବଳୀର ସୂଚନାପତ୍ର ନ ଥିବା ଦେଖାଯାଇଥିଲା। ସେଠାରେ ଉପସ୍ଥିତ ଖବରଦାତାମାନେ ନିୟମାବଳୀର ସୂଚନାପତ୍ରକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରେ ନ ଥିବା ଜାଣି ଅଭିଯୋଗ କରିଥିବା ବେଳେ ବିଧାୟକ ଖଟୁଆ ଏହା ଦେବାର ଆବଶ୍ୟକତା ନାହିଁ ବୋଲି କହିବା ସହିତ ଖବରଦାତାମାନେ କେବଳ ଫଟୋ ଉଠାଇ ତଥ୍ୟ ସଂଗ୍ରହ କରିଯିବା ଉଚିତ୍ ଓ ଖାଇବା ପାଇଁ ସଭାଗୃହରେ ଅପେକ୍ଷା କରିଛନ୍ତି ବୋଲି କଟାକ୍ଷ କରି କହିଥିଲେ। ବିଧାୟକଙ୍କ ଏଭଳି କଟାକ୍ଷ ପରେ ଖବରଦାତାମାନେ ବୈଠକ ଅଧାରୁ ଛାଡି ପଳାଇଯାଇଥିଲେ। ଏ ସମ୍ପର୍କରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଭାକର ସାହୁଙ୍କୁ ପଚାରିବାରୁ ବିଧାୟକ ଥଟ୍ଟା ମଜା ପୂର୍ବକ କହିଥାଇପାରନ୍ତି ବୋଲି କହିଥିଲେ। ଖବରଦାତାମାନଙ୍କୁ ସଭାଗୃହରେ ତାଚ୍ଛଲ୍ୟ କରିବା ପରିତାପର ବିଷୟ ବୋଲି ବାଉଁଶବଣିଆ ପଞ୍ଚାୟତର ସରପଞ୍ଚ ନିରଞ୍ଜନ ବାରିକ କହିଥିଲେ।

# ଝଲସିବ ଭୂଷଣ୍ଡେଶ୍ୱର ମହାଦେବ ମନ୍ଦିର

### ମହାଶିବରାତ୍ରି ଲାଗି ପ୍ରସ୍ତୁତି

ଭୋଗରାଇ, ୨୪।୨(ପ୍ରଦୀପ ଦାସ):

ମହାଶିବରାତ୍ରି ଲାଗି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଶୈବପୀଠ ଚଳଚଞ୍ଚଳ ହୋଇଛି। ଏଭଳି ସ୍ଥିତିରେ ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ଓ ଏସିଆର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମହାଦେବଙ୍କ ସହିତ ଶତାଧିକ ଶୈବପୀଠରେ ଲକ୍ଷାଧିକ ଶୈବ ଭକ୍ତ ଜାଗର ଜାଳିବେ। ପ୍ରଶାସନ, ମନ୍ଦିର ଟ୍ରଷ୍ଟ ବୋର୍ଡ, ପରିଚାଳନା କମିଟି, ସେବାୟତ ଓ ପଣ୍ଡାମାନଙ୍କ ପକ୍ଷରୁ ଏବେଠୁ ବ୍ୟାପକ ତତ୍ପରତା ନଜରକୁ ଆସିଛି। ସୁବର୍ଣ୍ଣରେଖା ନଦୀକୂଳରେ ଥିବା କୁମ୍ଭୀରଗ ପାହି ଅଞ୍ଚଳରେ ଅବସ୍ଥିତ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଲାଗି ଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ମନ୍ଦିର ପରିଚାଳନା କମିଟି ହାତକୁ ନେଇଛି। ମହାଶିବରାତ୍ରି ଉପଲକ୍ଷେ ପରିଚାଳନା କମିଟି ପକ୍ଷରୁ ଇଂ. ଅଭଜିତ ଦାସ ୧ ଲକ୍ଷ ଦୀପ ଦାନ କରିବେ ବୋଲି ସୂଚନା ଦେଇଛନ୍ତି। ରବିବାର ପୂର୍ବାହ୍ନ ୧୧ଟାରେ ପୂର୍ବତନ ବିଧାୟକ ଅନନ୍ତ ଦାସଙ୍କ ବାସଭବନରେ ଜାଗର ଜାଳିବା ଓ ଭଜନ ସନ୍ଧ୍ୟା ଓ ପରିଚାଳନା ନେଇଁ



ପ୍ରସ୍ତୁତି ବୈଠକରେ ଇଂ ଅଭିଜିତ ଦାସ, ରମାକାନ୍ତ କରଣ, ତପନ କୁମାର ପଣ୍ଡା, ହେମନ୍ତ ବେହେରା, କବିତା ମାହାନ୍ତି, ଦୀପକ କୁମାର ଦାସ, ନିଶିକାନ୍ତ ସାହୁ, ନଗେନ୍ଦ୍ର ପାତ୍ର, ପ୍ରଦୀପ ବେହେରା, ତାପସ ମହାପାତ୍ର, ସନ୍ତୋଷ କୁମାର ସାସମଲ ସହିତ ୫୦ ପଞ୍ଚାୟତର ବହୁ ଶୈବଭକ୍ତ, ଜନ ପ୍ରତିନିଧି, ସେବାୟତ ଓ ପଣ୍ଡାମାନେ ଉପସ୍ଥିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁନିଆଯାଇଥିବା ସୂଚନା ମିଳିଛି। ମହାଦେବଙ୍କଠାରେ ଲକ୍ଷାଧିକ ଦୀପ ଜଳିବା ସହିତ ବିଦ୍ୟୁତ ରଙ୍ଗୀନ ଆଲୋକମାଳା ମାଳାରେ ଭୂଷଣ୍ଡେଶ୍ୱର, ଚନ୍ଦନେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର ଝଲସିବେ ବୋଲି କୁହାଯାଇଛି ।

## ବିବାହ ଭୋଜିରେ ଚାରା ବାଣ୍ଟିଲେ ନବଦମ୍ପତି



ବିବାହ ଭୋଜିରେ ଚାରା ବଣ୍ଟନ।

ନୀଳଗିରି, ୨୪।୨(ପ୍ରଶାନ୍ତ ବିଶ୍ୱାଳ):

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଗୋପୀନାଥପୁର ଗ୍ରାମର ଏକ ନବ ଦମ୍ପତି ବିବାହ ଭୋଜିରେ ଚାରା ବାଣ୍ଟି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଗ୍ରାମର ବିଶ୍ୱସୁନ୍ଦର ବାରିକ ଏବଂ ତୃପ୍ତିମୟୀ ବାରିକଙ୍କ ଚତୁର୍ଥୀ ଭୋଜି ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୨ହଜାର ଆତ୍ମୀୟ ପରିଜନ, ବନ୍ଧୁବାନ୍ଧବ ଏବଂ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ପ୍ରତ୍ୟେକ ଲୋକଙ୍କୁ ଗୋଟିଏ ଲେଖାଏଁ ଫଳ ଚାରା ବଣ୍ଟନ କରାଯାଇଥିଲା। ସମସ୍ତେ ଏହି ଗଛ ଲଗାଇ ଏହାର ଯତ୍ନ ନେବାକୁ ଉଭୟ ବରକନ୍ୟା ହାତଯୋଡି ନିବେଦନ କରିଥିଲେ। ଉକ୍ତ ଗଛ ଚାରା ଲଗାଇବା ଦ୍ୱାରା ପରିବେଶ ପ୍ରଦୂଷଣମୁକ୍ତ ହେବା ସହିତ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା ହୋଇପାରିବ। ଯାହା ତାଙ୍କ ପାଇଁ ଆଶୀର୍ବାଦ ସଦୃଶ ହେବ ବୋଲି ଉଭୟ ନବବିବାହିତା ଯୋଡି ମତ ରଖିଥିଲେ। ଉଭୟ ଦମ୍ପତିଙ୍କ ଏଭଳି ବିଚାରଧାରାକୁ ସାଧାରଣରେ ପ୍ରଶଂସା କରାଯାଇଛି।

# 'ନାରୀ ଲେଖିକା ସମାଜ ପ୍ରଗତିର ବାହକ'



ଅଧିବେଶନରେ ମଞ୍ଚାସୀନ ଅତିଥିଗଣ।

### ବାଲେଶ୍ୱର ଲେଖିକା ସଂସଦର ବାର୍ଷିକ ଅଧିବେଶନ

ବାଲେଶ୍ୱର, ୨୪।୨(ବାଞ୍ଛାନିଧି ଦେ):

ବାଲେଶ୍ୱର ବଟେଶ୍ୱରସ୍ଥିତ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ଓଡ଼ିଶା ଲେଖିକା ସଂସଦ, ବାଲେଶ୍ୱର ଶାଖାର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲେଖିକା ସଂସଦ ସଭାପତି ଡ. ଶକୁନ୍ତଳା ବଳିଆରସିଂହ ଉତ୍ସବରେ ସଭାପତିତ୍ୱ କରିଥିଲେ। କବି ସତ୍ୟଭାମା ମୁଦୁଲି ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଲେଖିକା ସଂସଦ ଆବାହିକା ଡ. ସିନ୍ଧୁ ସେନ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱ ଇତିହାସରେ ଅନେକ ନାରୀ ନିଜ ଲେଖନୀ ମାଧ୍ୟମରେ ପୃଥିବୀପୃଷ୍ଠରେ ବହୁ ପରିବର୍ତ୍ତନ, ସଂସ୍କାର ଓ ଆନ୍ଦୋଳନ ଆଣିଛନ୍ତି। ନାରୀ ଲେଖିକାମାନେ ସମାଜ ପ୍ରଗତିର ବାହକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କବି ସୈରିନ୍ଧ୍ରୀ ସାହୁ, ଶାରଳା ପୁରସ୍କାର ବିଜୟିନୀ ବିଶିଷ୍ଟ କଥାଶିଳ୍ପୀ ସରୋଜିନୀ ସାହୁ, ଗୋଲାପ ମଞ୍ଜରୀ କର ଓ କାନନବାଳା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନାରୀମାନେ କେବଳ ପରିବାର ନୁହେଁ ବରଂ ଦେଶ ଓ ରାଷ୍ଟ୍ର ଗଠନର ବାର୍ତ୍ତାବହ। ଅଧିକରୁ ଅଧିକ ନାରୀ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କବୟିତ୍ରୀ ଗୋଲାପ ମଞ୍ଜରୀ କର, ରତ୍ନପ୍ରଭା ବାଇ ଓ ଅଞ୍ଜଳି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା। ଚିତ୍ରା ପାତ୍ର, ଅନୀତା ରଥ, ତାନଶ୍ରୀ ପାଣିଗ୍ରାହୀ ଓ ଅର୍ଚ୍ଚନା ରଥ ଏହାକୁ ପରିଚାଳନା କରିଥିଲେ। ସତ୍ୟଭାମା ମୁଦୁଲି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁନି ନୃତ୍ୟଶିଳ୍ପୀ ସୁହାନୀସାଇ ଜେନା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସଂସଦର ସହ-ଆବାହିକା ମନସ୍ୱିନୀ ଦେବୀ ଧନ୍ୟବାଦ ଦେଇଥିଲେ। ବହୁ ଲେଖିକାଲେଖକ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ବାହାନଗା, ୨୪।୨(ଅରୂପ୍ କୁମାର ଦାସ):

ବାହାନଗା ବ୍ଲକ ଗୋପାଳପୁର ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ପ୍ରବେଶ ସାଥି ତଥା ୧୯୭୫ ମସିହା ପାସ୍‌ଆଉଟ୍ ବ୍ୟାଚର ବନ୍ଧୁମିଳନ ରବିବାର ତାଳପଦା ସମୁଦ୍ରକୂଳ ଜାମୁକା ମୁହାଣ ଝାଉଁଜଙ୍ଗଲ ମଧ୍ୟରେ ପାଳିତ ହୋଇଛି। ଏହି ଅବସରରେ ପୁସ୍ତକ 'ଅପାସୋରା ସ୍ମୃତି' ଉନ୍ମୋଚନ କରାଯିବା ସହିତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ବ୍ୟାଚର ବନ୍ଧୁମିଳନ ଉତ୍ସବ ଦୀର୍ଘ ୨ବର୍ଷ ଧରି ପାଳନ ହୋଇଆସୁଛି। ସଭାପତିତ୍ୱ କରିଥିଲେ ଉନ୍ମୋଚନ ହେବାକୁ ଥିବା ପୁସ୍ତକର ସମ୍ପାଦକ ତଥା ପାସ୍ ଆଉଟ୍ ଛାତ୍ର ବ୍ରଜେନ୍ଦ୍ର କୁମାର ନାୟକ। ଅତିଥି ଭାବେ ସଂଗ୍ରାହକ ବିକାଶ କୁମାର ଶତଥି ,ସ୍ୱଚ୍ଛ ଭାରତ ଅଭିଯାନ ଆବାହକ ସୁଦର୍ଶନ ମହାପାତ୍ର, ବାଲେଶ୍ୱର ଜିଲାର ପୂର୍ବତନ ଜିଲା ପରିଷଦ ସଭାପତି ଗିରିଶ୍ ଚନ୍ଦ୍ର ଦାଶ, ଶରତ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ଦାସ, ଡଃ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପରିଣତ ବୟସରେ ସେହି ବାଲ୍ୟବନ୍ଧୁମାନଙ୍କ ସହିତ ସାକ୍ଷାତ ହେଲେ ଆନନ୍ଦଲବ୍ଧ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ରମଣିକାନ୍ତ ମିଶ୍ର।

## ୩୦ମିନିଟ୍ ରାସ୍ତା ଅବରୋଧ



ଜାମୁଝାଡ଼ିରେ ବାଇପାସ୍ ରାସ୍ତା ଅବରୋଧ।

### ବାଇପାସ୍ ରାସ୍ତା ନିର୍ମାଣରେ ଅବହେଳା

ସିମୁଳିଆ, ୨୪।୨(ସନ୍ତୋଷ ନାୟକ)

୧୬ନଂ. ଜାତୀୟ ରାଜପଥର ମରାମତି ଓ ନିର୍ମାଣ କାର୍ଯ୍ୟ ମନ୍ଥର କାରଣକୁ ନେଇ ସୋମବାର ମଧ୍ୟାହ୍ନରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ୧୬ନଂ. ଜାତୀୟ ରାଜପଥର ଜାମୁଝାଡ଼ି ନିକଟରେ ୩୦ମିନିଟ୍ ରାସ୍ତାରୋକୋ କରାଯାଇଥିଲା। ରାଜପଥ ମରାମତି ପାଇଁ ରାଜପଥରେ ମାଟି ପକାଇ ଅବରୋଧ କରାଯାଇଥିଲା। ରାଜପଥ ଅଧିକାରୀ ବାଇପାସ୍ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମାଗୁଡ଼ିକର ମରାମତି ନ କରି ଗାଡ଼ି ଛାଡ଼ିଦେଇ ଥିବାରୁ ଗମନାଗମନରେ ବାଧା ସୃଷ୍ଟି ହେଉଛି। ପରେ ରାଜପଥ ପୋଲିସ ଓ ସିମୁଳିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ରାଜପଥ ଅଧିକାରୀ ଖାଲଖମାଗୁଡ଼ିକର ମରାମତି କରିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଗଣ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୪।୨:

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡ଼ ସିମୁଳିଆ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୮ ତମ ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସମ୍ପାଦକ ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବାଲିଆପାଳ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଅଜୟ କୁମାର ସାହୁ ଆଜିର ଶିକ୍ଷା ବ୍ୟବସ୍ଥାର ସୁଧାର ପାଇଁ ସରକାରୀ କଳକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ରାଜଶ୍ରୀ ପାଣିଗ୍ରାହୀ, ଶ୍ରୀମା ଶ୍ରୀ ଅରବିନ୍ଦ ପାଠଚକ୍ର ବସ୍ତା ସଙ୍ଗଠକର ମାତୃପ୍ରେମୀ ନରେନ କୁମାର ବାରିକ ଏବଂ ମାତୃପ୍ରେମୀ ଲକ୍ଷ୍ମଣ କୁମାର ସେନାପତି, ଭୋଗରାଇ ସଙ୍ଗଠକ ମାତୃପ୍ରେମୀ ଲମ୍ବୋଦର ଦେ ଯୋଗଦେଇ ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଉଛି ପିଲା ତିଆରି କାରଖାନା। ଏଠାରେ ଶିକ୍ଷାଗ୍ରହଣ କରୁଥିବା ପ୍ରତିଟି ଛାତ୍ରୀଛାତ୍ର ଭବିଷ୍ୟତରେ ଜଣେ ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦିଲୀପ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ବିଷୟରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତପନ ସି ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିକ୍ଷାନିକେତନର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୨୪।୨(କମଳାକାନ୍ତ ଦାସ):

ବାଲିଆପାଳ ବ୍ଲକ ଅଧୀନ ଲଙ୍ଗଳେଶ୍ୱରସ୍ଥିତ ସରସ୍ୱତୀ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଭାଗୀରଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପରିବେଶବିତ୍ ସୁମନ୍ତ କୁମାର ଜେନା ଯୋଗଦେଇ ବିବିଧତା ଭିତରେ ଏକତା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପିଞ୍ଛାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିଜୟଜୀ, ସମ୍ମାନିତ ଅତିଥି ଲଙ୍ଗଳେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୁଶାନ୍ତ କୁମାର ରାଉଳ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠାତା ଅନିରୁଦ୍ଧ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

# ୧୪୭ ଅଭିଯୋଗର ଶୁଣାଣି

### ବାଲେଶ୍ୱର ପୌରପାଳିକାରେ ବିଧାୟକଙ୍କ ଜନଶୁଣାଣି

ବାଲେଶ୍ୱର, ୨୪।୨(ବାଞ୍ଛାନିଧି ଦେ):

ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ସୋମବାର ବିଧାୟକ ମାନସ କୁମାର ଦତ୍ତଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦତ୍ତ ୧୪୭ଅଭିଯୋଗର ଶୁଣାଣି କରିବା ସହ ଉପଯୁକ୍ତ ତଦନ୍ତ ପୂର୍ବକ ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୌରାଧ୍ୟକ୍ଷା ସବିତା ସାହୁ ଓ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ନିର୍ଲିପ୍ତା ମହାନ୍ତିଙ୍କ ସମେତ ଜିଲା ପ୍ରଶାସନର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ରହି ଆବେଦନଗୁଡିକୁ ତଦାରଖ କରିଥିଲେ। ୧୧୨ଟି ବ୍ୟକ୍ତିଗତ ଓ ୩୫ଟି ସାମୂହିକ



ଅଭିଯୋଗକାରୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ସମସ୍ୟା ରହିଥିଲା। ମୁଖ୍ୟତଃ ବିଭିନ୍ନ ସ୍ଥାନରେ ଜଳଯୋଗାଣ, ଜମି ସୀମାଙ୍କନ, ସ୍ୱାସ୍ଥ୍ୟଗତ ଓ ଚିକିତ୍ସାଜନିତ ଆବଶ୍ୟକ ସୁବିଧା, ବାସଗୃହ ଜନିତ ସମସ୍ୟା ଅନ୍ତର୍ଭୁକ୍ତ ଅଟେ। ଜନଶୁଣାଣି ଶିବିରରେ ପୌରପରିଷଦ, ପଞ୍ଚାୟତିରାଜ, ଗ୍ରାମ୍ୟ ପାନୀୟଜଳ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସବୁବେଳେ ଲୋକଙ୍କ ସାଥିରେ ରହିଛି। ତୃଣମୂଳସ୍ତରରେ ସାଧାରଣ ଜନତାଙ୍କ ସମସ୍ତ ସମସ୍ୟାର ତ୍ୱରିତ ସମାଧାନ ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ। ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରିବା ଏକ ପ୍ରୟାସ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପ୍ରଶାସନର କାର୍ଯ୍ୟଶୈଳୀକୁ ଅଧିକ ଜନକୈନ୍ଦ୍ରିକ କରାଯାଇପାରିବେ ବୋଲି ବିଧାୟକ ଦତ୍ତ ମତବ୍ୟକ୍ତ କରିଥିଲେ।

## ସୁଜାଗଡ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଖଇରା, ୨୪।୨(ଉତ୍କଳବନ୍ଧୁ ପଣ୍ଡା):

ମା' ହଳଦିଆଶୁଣି କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସୋମବାର ବାଲେଶ୍ୱର ଜିଲା ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଅଧୀନ ସୁଜାଗଡ ଖେଳ ପଡିଆରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ସାରକୋଣା ଝିଙ୍କିରିଆକୁ ଏବଂ ଦ୍ୱିତୀୟ ଲିଗ ମ୍ୟାଚରେ ବର୍ତ୍ତନା ନହଙ୍ଗ ଏକାଦଶକୁ ପରାସ୍ତ କରିବା ପରେ ସେମିଫାଇନାଲରେ ସାରକୋଣା ବର୍ତ୍ତନା ଏକାଦଶକୁ ୩୩ ରନରେ ପରାସ୍ତ କରିଥିଲା। ସିଦ୍ଧାର୍ଥ ବେହେରା ଓ ରାଜୁ ଦାସ ମ୍ୟାଚ ପରିଚାଳନା କରିଥିଲେ। ସରପଞ୍ଚ ସୁଶାନ୍ତ କୁମାର ନାୟକ, ସମିତିସଭ୍ୟ ଗଜେନ୍ଦ୍ର ପରିଡା, ୱାର୍ଡସଭ୍ୟ ପିତାମ୍ବର ଲେଙ୍କା, ଗ୍ରାମ ମୁଖିଆ ଶଶୀକୁମାର ପାତ୍ର ଓ ଆନନ୍ଦ ଚନ୍ଦ୍ର ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ହଳଦିଆଶୁଣି କ୍ରିକେଟ ଆସୋସିଏଶନର ସମସ୍ତ ସଭ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାତୃ ସମ୍ମିଳନୀ

ସୋର, ୨୪।୨(ଜନ୍ମେଜୟ ମିଶ୍ର):

ସୋର ବ୍ଲକ ଅନନ୍ତପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୭ ତମ ମାତୃ ସମ୍ମିଳନୀ ସଭାପତି ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ତୋଳ ଭାଗବତ ପ୍ରଜ୍ଞାପୀଠର ମଠାଧୀଶ ବଂଶୀଧର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁର ଚରିତ୍ର ଗଠନରେ ମା'ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପରିଚାଳନା କମିଟିର ସମ୍ପାଦକ ପ୍ରଜାପିତା ବ୍ରହ୍ମ କୁମାର ମୁକ୍ତିକାନ୍ତ ବାରିକ ଯୋଗଦେଇ ଶିଶୁର ପ୍ରଥମ ଗୁରୁ ମା' ଜାଗିଲେ ଦେଶ ଜାଗିବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନନ୍ତ କୁମାର ପାତ୍ର ଶିଶୁର ଆଧ୍ୟାତ୍ମିକ ଜ୍ଞାନର ପ୍ରସାର ହେବା ସହିତ ଚରିତ୍ର ନିର୍ମାଣ କରିବାରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷାକେନ୍ଦ୍ରର ସହକାରୀ ଗୁରୁଜୀ ଶିବେ ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୁରୁମା ମମତାରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଆରମ୍ଭ ହେଲା ପୋଷ୍ଟକାର୍ଡ ଅଭିଯାନ

### ଆନ୍ଦୋଳନକୁ ଓହ୍ଲାଇବେ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ

ବାଲେଶ୍ୱର, ୨୪।୨(ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ପକ୍ଷରୁ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡା ଅଧ୍ୟକ୍ଷତା କରି ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଥିଲେ। ଜିଲା ଅଧୀନ ୧୩୫ଜଣ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପୋଷ୍ଟକାର୍ଡ ଅଭିଯାନର ଶୁଭାରମ୍ଭ କରାଯାଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଭାଜପା ରାଜ୍ୟ ସଭାପତି, ସ୍ୱାସ୍ଥ୍ୟ ସଚିବ ଓ ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କୁ ସଂଘର ଥିବା ୪ହଜାର ୨ଶହ ପୋଷ୍ଟକାର୍ଡ ପ୍ରେରଣ କରାଯିବାର




ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶା ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୨୦ବର୍ଷ ଧରି କାର୍ଯ୍ୟରତ ପରିଚାଳନା କର୍ମଚାରୀଙ୍କୁ ଏଯାବତ୍ ସରକାରୀ ମାନ୍ୟତା ମିଳି ନ ଥିବାରୁ ଅସନ୍ତୋଷ ଲାଗି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟ କରି ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ କଥା ବୁଝୁଥିବା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ମ୍ୟାଲେରିଆ ନିରାକରଣ, କୁଷ୍ଠ ନିରାକରଣ, ଜାତୀୟ ଟୀକାକରଣ କାର୍ଯ୍ୟକ୍ରମ, ମାନସିକ ରୋଗର ଚିହ୍ନଟ ଓ ଚିକିତ୍ସା, ଅଣସଂକ୍ରାମକ ରୋଗର ଚିହ୍ନଟ ଓ ନିରାକରଣ, ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାରକୁ ହ୍ରାସ କରିବା, ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ କାୟାକଳ୍ପ ଓ କ୍ୱାଲିଟି ପ୍ରମାଣପତ୍ର ପ୍ରଦାନ କରାଇବା ଆଦି କାର୍ଯ୍ୟ ସହିତ ସମସ୍ତ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଓ କରୋନାର ସଫଳ ପରିଚାଳନା କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀଙ୍କ ଚାକିରି ସ୍ଥାୟୀ କରିବା, ସର୍ବନିମ୍ନ ଦରମା ୪୦ ହଜାର, ନିଃଶୁଳ୍କ ପରିବାର ସ୍ୱାସ୍ଥ୍ୟ ବୀମା, ଘରଭଡ଼ା ଓ ମହଙ୍ଗା ଭତ୍ତା ସହିତ ସରକାରୀ ନିୟମ ଅନୁସାରେ ଛୁଟି ପ୍ରଦାନ ଆଦି ଦାବିଗୁଡିକୁ ପୂରଣ ନ ହେଲେ ଆନ୍ଦୋଳନ ସହ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ ବୋଲି ସଂଘର ରାଜ୍ୟ ସଭାପତି ଅନିରୁଦ୍ଧ ପଣ୍ଡା, ଜିଲା ସଭାପତି ସୂର୍ଯ୍ୟକାନ୍ତ ବାରିକ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ମହମ୍ମଦ ସକିଲ ଓ ଉପସଭାପତି ହୃଷିକେଶ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

